## ସଂକ୍ଷେପରେ

### ରାୟଗଡ଼ାରେ ୧୪୪ ଧାରା ଜାରି

**ରାୟଗଡ଼ା ଅଫିସ ,୧୬।୩:** କରୋନା ମୁକାବିଲା ନେଇ ରାୟଗଡ଼ା ଜିଲା ପ୍ରଶାସନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛି । ଜିଲାରେ ୧୪୪ ଧାରା ଜାରି କରିଛନ୍ତି । ଏହି ଧାରା ଲାଗୁ ହେବା ପରେ କୌଣସି ସ୍ଥାନରେ ଶହେରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତକୁ ପ୍ରଶାସନ ନିଷିଦ୍ଧ କରିଛି । ଜିଲାରେ ସମସ୍ତ ସଭା ସମିତି , ଧାର୍ମୀକ ଏବଂ ସାମାଜିକ ଉତ୍ସବ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥିସହ ଘରୋଇ ଶିକ୍ଷାନୁଷ୍ଠାନକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସହରରେ ଥିବା ସମସ୍ତ ମଲ, ଜିମ୍, ସୁଇମିଂ ପୁଲ , ୩ ପାର୍କ, ୪ ପ୍ରେକ୍ଷାଳୟ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି । ସୋମବାର ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ , ତହସିଲଦାର ଉମାଶଙ୍କର ବେହେରା ପ୍ରମୁଖ ସହରର ନ୍ୟୁ କଲୋନୀଠାରେ ଥିବା ଷ୍ଟାଇଲ ବଜାର , ରିଲାଏନ୍ସ ମାର୍ଟ, ଫଁ ଲ୍ସ ହଲ ଆଦି ସ୍ଥାନ ବୁଲି ତଦାରଖ କରିଛନ୍ତି। ସେହିପରି ମାସ୍କ , ସାନିଟାଇଜର ରଖି କଳାବଜାର କରାଯାଉଥିବାରୁ ଏସ୍‌ଡ଼ିପିଓ ତପନ ନାରାୟଣ ରଥ ଓ ଉପଜିଲାପାଳ ସହରରେ ଥିବା ମେଡ଼ିସିନ ଦୋକାନଗୁଡ଼ିକରେ ଚଢାଉ କରିଛନ୍ତି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଦିନ କରୋନା ମୁକାବିଲା ନେଇ ସମୀକ୍ଷା ବୈଠକ କରାଯାଉଛି । ସର୍ବସାଧାରଣ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ମଙ୍ଗଳବାର ପଞ୍ଚାୟତସ୍ତରୀୟ, ବୁଧବାର ବ୍ଲକସ୍ତରୀୟ, ଗୁରୁବାର ଜିଲାସ୍ତରୀୟ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଆବଶ୍ୟକ ଔଷଧ, ମାସ୍କ , ଅତ୍ୟାବଶ୍ୟକ ଖାଦ୍ୟ, ଆଳୁ, ପିଆଜ, ଚୁଡ଼ା ଇତ୍ୟାଦିକୁ କଳାବଜାର କଲେ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏନେଇ ଏସ୍‌ପି, ଉପ ଜିଲାପାଳ ଓ ତହସିଲଦାରଙ୍କୁ ତଦାରଖ କରିବା ପାଇଁ ଜିଲାପାଳ କହିଛନ୍ତି।

### ୧୨ ଶିଶୁ ଶ୍ରମିକ ଉଦ୍ଧାର

**ରାୟଗଡ଼ା ଅଫିସ ,୧୬।୩:** ରାୟଗଡ଼ା ଚାଇଲ୍ଡ ଲାଇନ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ସୋମବାର ୧୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ରାୟଗଡ଼ା ଜିଲା କାଶୀପୁର, କଲ୍ୟାଣସିଂପୁର, ରାୟଗଡ଼ା ବ୍ଲକର ୮ ନାବାଳକ ଓ ୪ ନାବାଳିକା ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାସ୍ଥିତ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରିବାକୁ ଯାଉଥିଲେ । ନାବାଳକଙ୍କୁ ରାୟଗଡ଼ା ଚାଇଲ୍ଡ ଲାଇନ କେନ୍ଦ୍ରରେ ରଖାଯାଇଥିବାବେଳେ ନାବାଳିକାଙ୍କୁ ସ୍ନେହା ଷ୍ଟେ ହୋମକୁ ପଠାଯାଇଛି । ସେମାନଙ୍କୁ ଶିଶୁ କଲ୍ୟାଣ ସମିତିରେ କାଉନସେଲିଂ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଚାଇଲ୍ଡ ଲାଇନ କେନ୍ଦ୍ରର ସଂଯୋଜିକା କେ. ନିଳିମା ସୂଚନା ଦେଇଛନ୍ତି ।

# ବନ୍ଦ ହେଲା ପାର୍କ, ଶପିଂମଲ୍

ଜୟପୁର,୧୬।୩(ଡି.ଏନ୍.ଏ.)

### କରୋନାକୁ ନେଇ ପ୍ରଶାସନ ତତ୍ପର


ପୌର କର୍ମଚାରୀମାନେ ସପିଂ ମଲ ବନ୍ଦ କରୁଛନ୍ତି ।

ସାରା ଦେଶ ଓ ରାଜ୍ୟରେ କରୋନା ଭୁତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ସେହି କ୍ରମରେ କୋରାପୁଟ ଜିଲା ପ୍ରଶାସନ ମଧ ସତର୍କତାମୂଳକ ପଦକ୍ଷେପ ନେଉଛି। ପ୍ରତ୍ୟେକ ଦିନ ଜିଲାପାଳଙ୍କ ଅଧକ୍ଷତାରେ ବୈଠକ ଆୟୋଜିତ ହେଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୌରସଂସ୍ଥା, ବ୍ଲକ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ସହରରେ ରହିଥିବା ୩ଟି ସପିଂ ମଲକୁ ପୌର କର୍ମଚାରୀମାନେ ସୋମବାର ମଧାହ୍ନରେ ବନ୍ଦ କରିଛନ୍ତି। ସହରର ଜୟନଗରରସ୍ଥିତ ପାର୍କକୁ ମଧ ବନ୍ଦ କରାଯାଇଛି। ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିଲେ ସୁଦ୍ଧା କୋଚିଂ ସେଣ୍ଟର, ଟ୍ୟୁଟୋରିଆଲ, କମ୍ପ୍ୟୁଟର ସେଣ୍ଟର ଚାଲୁ ରହିଛି। ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଏହି ସମସ୍ତ ଶିକ୍ଷାନୁଷ୍ଠାନ ତୁରନ୍ତ ବନ୍ଦ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି।


ଜରୁରୀ ବୈଠକରେ ବିଡ଼ିଓ ଓ ଅନ୍ୟମାନେ।

## କରୋନା ମୁକାବିଲା ପାଇଁ ଜରୁରୀ ବୈଠକ ଡାକିଲେ ବିଡିଓ

କୁନ୍ଦୁରା,୧୬।୩(ଡି.ଏନ୍.ଏ.)

କରୋନାକୁ ଦୃଷ୍ଟିରେ ରଖି କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝି ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ଡାକିଛନ୍ତି। ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଥିବା ସରକାରୀ କର୍ମଚାରୀ ସଜାଗ ରହିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ୧୬ଟି ପଞ୍ଚାୟତ ସଦରରେ ଥିବା ବିଦ୍ୟାଳୟର ଗୋଟିଏ କୋଠରିକୁ ସଫେଇ କରି ରଖିବା ପାଇଁ ପିଇଓମାନଙ୍କୁ କୁହାଯାଇଛି। ସେଠାରେ କରୋନା ସନ୍ଦେହରେ ଥିବା ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବ। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ତ୍ରିପାଠୀ କହିଛନ୍ତି, କରୋନା ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ରକ୍ତନମୁନା ଭୁବନେଶ୍ୱର ପଠାଯିବ। ବୈଠକରେ ଅନ୍ୟମାନଙ୍କ ମଧରେ ତହସିଲଦାର ଆୟୁବ ମଣ୍ଡଳ, ସହକାରୀ ଯନ୍ତ୍ରୀ ଡି. ନାରାୟଣ ରାଓ ଉପସ୍ଥିତ ଥିଲେ।

## ପଟ୍ଟା ପାଇଁ ପୌର କାର୍ଯ୍ୟାଳୟ ଘେରିଲେ ମହିଳା

ଜୟପୁର,୧୬।୩(ନି.ପ୍ର.)

ପଟ୍ଟା ଦାବି ନେଇ ସୋମବାର ଜୟପୁର ପୌରପାଳିକା ଘେରାଉ କରିଛନ୍ତି ମହିଳା। ଜୟପୁର ପୌରାଞ୍ଚଳର ହାଟପଡ଼ା, ମଣିଗୁଡ଼ା, ବନ୍ଦଘାଟୁ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ଏହି ଘେରାଉ କରିଥିଲେ। ପଟ୍ଟା ପାଇଁ ସବୁଦିନ ଏଠି ହଟହଟା ହେବାକୁ ପଡୁଛି ବୋଲି ସେମାନେ ଅବିଯୋଗ କରିଛନ୍ତି। ଦାର୍ଘ ବର୍ଷ ଧରି ପଟ୍ଟା ପାଇଁ ଦାବି କରି ଥକିଯାଇଥିଲେ ମଧ ପ୍ରଶାସନ ଏଥିପ୍ରତି କାନ ଦେଉ ନ ଥିବା ସେମାନେ କହିଛନ୍ତି। ସରକାର ଗରିବଙ୍କୁ ଘରଡିହ ପଟ୍ଟା ଦେବା ପାଇଁ ଘୋଷଣା କରିଥିବା ବେଳେ ବାସ୍ତବରେ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ କହିଛନ୍ତି, କରୋନା ପାଇଁ ବର୍ତ୍ତମାନ ପଟ୍ଟା ବଣ୍ଟନ ବନ୍ଦ କରାଯାଇଛି। ଖୁବ ଶୀଘ୍ର ସେମାନଙ୍କୁ ପଟ୍ଟା ଦିଆଯିବ।


ମହିଳାମାନେ ପଟ୍ଟା ଦାବିରେ ପୌର କାର୍ଯ୍ୟାଳୟ ଘେରାଉ କରୁଛନ୍ତି।

## ଅପହରଣ ମାମଲା ଶିଶୁ ସୁଧାର ଗୃହକୁ ଗଲେ ଅଭିଯୁକ୍ତ ନାବାଳକ

ଜୟପୁର,୧୬।୩(ଡି.ଏନ୍.ଏ.)

ଜୟପୁର ସଦରଥାନା ରଣ୍ଡାପାଲୀ ଗ୍ରାମଠାରେ ନାବାଳିକାଙ୍କୁ ଅପହରଣ ମାମଲାରେ ଜଣେ ଫେରାର ନାବାଳକଙ୍କୁ ପୋଲିସ ତିନି ମାସ ପରେ କାବୁ କରିବା ସହିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଜଷ୍ଟିସ ବୋର୍ଡ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ୧୭ ବର୍ଷୀୟ ନାବାଳକଙ୍କୁ ବ୍ରହ୍ମପୁର ଶିଶୁସୁଧାର ଗୃହକୁ ପଠାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ଡିସେମ୍ବର ୧୦ରେ ଅଭିଯୁକ୍ତ ନାବାଳକ ଜଣକ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନାବାଳିକା ଜଣଙ୍କୁ ଉଦ୍ଧାର କରାଯାଇଥିଲେ ସୁଦ୍ଧା ନାବାଳକ ସେହି ଦିନଠାରୁ ଫେରାର ଥିଲେ।

## ଗୁରୁତର ୨ ଭଉଣୀ ମଧ୍ୟରୁ ଜଣେ ମୃତ

ଟିକିରି,୧୬।୩

### ଘରେ ନିଆଁ ଲାଗିବା ଘଟଣା

ରାୟଗଡ଼ା ଜିଲା କାଶିପୁର ବ୍ଲକ୍ କୁଚେଇପଦର ଗ୍ରାମର ମିଟୁ ମାଝିଙ୍କ ଘରେ ନିଆଁ ଲାଗି ୨ ଝିଅ ଗୁରୁତର ହୋଇଥିବାବେଳେ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁବି ମାଝି। ପ୍ରକାଶ ଯେ, ଗତ ରବିବାର ମିଟୁ ଡଙ୍ଗାସିଲି ହାଟକୁ ଯାଇଥିବାବେଳେ ସ୍ତ୍ରୀ ମଧ କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ୨ ଝିଅ ସୁବି ଓ ବସନ୍ତି ଶୋଇଥବାବେଳେ ପୁଅ ବାହାରେ ଖେଳୁଥିଲା। ଏହି ସମୟରେ କୌଣସି କାରଣରୁ କୁଡ଼ିଆରେ ନିଆଁ ଲାଗିଯାଇଥିଲା। ୨ଝିଅ ଘରୁ ବାହାରି ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ନିକଟସ୍ଥ ଅନ୍ୟ ଘରେ ରହୁଥିବା ଦାଦା ସୁବାଷ ମାଝି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଦୁଇ ଶିଶୁଙ୍କୁ ପ୍ରଥମେ ଓଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁବିଙ୍କ ମୃତ୍ୟୁ ଘଟିଛି। ଏ ନେଇ ଦୋରାଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି କୃଷ୍ଣଚନ୍ଦ୍ର ଭାତ୍ର କହିଛନ୍ତି। ତେବେ ମିଟୁଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ରେଡ଼କ୍ରସ୍ ପକ୍ଷରୁ କରୋନା ସଚେତନତା

ସୁନାବେଡ଼ା, ୧୬।୩

ସୁନାବେଡସ୍ଥିତ ଏଡିଏଭି ହାଇସ୍କୁଲରେ ଜୁନିୟର ରେଡକ୍ରସ ୟୁନିଟ ପକ୍ଷରୁ କରୋନା ସମ୍ପର୍କରେ ପିଲାଙ୍କୁ ସଚେତନ କରାଯାଇଛି। ପରୀକ୍ଷା ଦେଇ ଫେରିବା ସମୟରେ କରୋନା ଭୂତାଣୁ ସମ୍ପର୍କିତ ଲିଫଲେଟ୍‌କୁ ଛାତ୍ରୀଛାତ୍ରଙ୍କୁ ବଣ୍ଟାଯାଇଛି। ପରିଷ୍କାର ରହିବାକୁ ଉକ୍ତ ଲିଫଲେଟରେ ଉଲ୍ଲେଖ ରହିଛି। ଏଥିସହ ହାତକୁ ବିଭିନ୍ନ ସମୟରେ ସାବୁନ ଓ ହ୍ୟାଣ୍ଡୱାଶରେ ଧୋଇବାକୁ ପରାମର୍ଶ ଦିଆଯାଇଛି। କାଶିବା ଓ ଛିଙ୍କିବା ସମୟରେ ରୁମାଲ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଉକ୍ତ ବ୍ୟବହୃତ ରୁମାଲକୁ ଘୋଡଣୀ ଥିବା ଡଷ୍ଟବିନ୍‌ରେ ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଥଣ୍ଡା, ଶର୍ଦ୍ଦି, କାଶ ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟି ପିଲାମାନଙ୍କୁ ସଚେତନ କରିଥିଲେ। ଜୁନିୟର ରେଡକ୍ରସ କାଉନ୍‌ସିଲର ଶାହେଦା ପରବିନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।



ପିଲାମାନଙ୍କୁ ଲିଫ୍‌ଲେଟ ବଣ୍ଟନ କରାଯାଉଛି।

## ନାବାଳକଙ୍କ ଆତ୍ମହତ୍ୟା

ଜୟପୁର,୧୬।୩(ଡି.ଏନ୍.ଏ.)

ଜୟପୁର ସଦରଥାନା ଅନ୍ତାଗ୍ରାମରେ ଜଣେ ୧୬ ବର୍ଷୀୟ ନାବାଳକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମା' ଓ ବାପାଛେଉଣ୍ଡ ନାବାଳକ କମଳଲୋଚନ ପରଜା ନିଜ ବଡଭାଇ ଓ ଭାଉଜଙ୍କ ପାଖରେ ରହୁଥିଲେ। ସୋମବାର ପୂର୍ବାହ୍ନରେ ଉଭୟ ଭାଇ ଓ ଭାଉଜ ଜମି କାମ ପାଇଁ ବାହାରକୁ ଯାଇଥିଲେ। ସେହି ସମୟରେ ଏକା ଥିବା ନାବାଳକ ଜଣକ କୀଟନାଶକ ଔଷଧ ଖାଇଦେଇଥିଲେ। ଭାଇ ଓ ଭାଉଜ ଘରକୁ ଫେରିବା ପରେ କମଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ନେଇଥିଲ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଗାଗନାପୁର ଫାଣ୍ଡି ଅଧିକାରୀ କହିଛନ୍ତି।

## ରାସ୍ତା ନିର୍ମାଣରେ ସୁବ୍ୟବସ୍ଥା ଦାବି

### ବସ୍ ମାଲିକ ସଂଘର ଦାବିପତ୍ର

- ଏପ୍ରିଲ ୪ ସୁଦ୍ଧା ଦାବି ପୂରଣ କର
- ନଚେତ ଆନ୍ଦୋଳନ ଚେତାବନୀ

ଜୟପୁର,୧୬।୩(ଡି.ଏନ୍.ଏ./ନି.ପ୍ର.)


ବସ୍ ମାଲିକ ସଂଘ ଦାବିପତ୍ର ଦେଉଛନ୍ତି।

୨୬ ନମ୍ବର ଜାତୀୟ ରାଜପଥର ନିର୍ମାଣ କାମ ଚାଲିଥିବା ସ୍ଥାନରେ ଆବଶ୍ୟକ ପାଣି ଢାଳିବା ଓ ପିଚୁକାମ ଆରମ୍ଭ କରିବା, ଘରୋଇ ବସଷ୍ଟାଣ୍ଡରେ ଲୋକଙ୍କ ପାଇଁ ମୌଳିକ ସୁବିଧା ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଏନେଇ ଜୟପୁରସ୍ଥିତ ଘରୋଇବସ ମାଲିକ ସଂଘ ଉପଜିଲାପାଳ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଏପ୍ରିଲ ୪ ସୁଦ୍ଧା ଦାବି ପୂରଣ ନ ହେଲେ ୫ରୁ ସମସ୍ତ ଘରୋଇ ବସ୍ ଚଳାଚଳ ବନ୍ଦ କରାଯିବ ଓ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛି ସଂଘ ଜୟପୁର ବାରିଣିପୁଟରୁ ବୋରିଗୁମ୍ମା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ କରାଯାଉଛି। ଫଳରେ ବାଲି, କ୍ରଶର ଗୁଣ୍ଡ ଓ ମେଟାଲ ମିଶ୍ରିତ ନିର୍ମାଣାଧୀନ ରାସ୍ତାରେ ଠିକାଦାର ଆବଶ୍ୟକ ଅନୁସାରେ ପାଣି ଢାଳୁ ନ ଥିବା ଯୋଗୁ ବସ୍, ଟ୍ରକ୍ ଚଳାଚଳ ବେଳେ ରାସ୍ତା ଧୂଳିଧୂସରିତ ହୋଇପଡୁଛି। ରାସ୍ତା ଦେଖା ନ ଯାଇ ଏହା ଦୁର୍ଘଟଣାର କାରଣ ମଧ ହେଉଛି। ବସ୍ ମାଲିକ ଏଥିପାଇଁ କ୍ଷତିପୂରଣ ଦେଇ ନିଜେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ତୁରନ୍ତ ନିର୍ମାଣାଧୀନ ରାସ୍ତାରେ ପାଣି ଢାଳିବା ସହ ପିଚୁକାମ ଆରମ୍ଭ କରିବା ପାଇଁ ଦାବି କରାଯାଇଛି। ସେହିପରି ପୁରୁଣା ଘରୋଇ ବସ୍‌ଷ୍ଟାଣ୍ଡକୁ ଖାଲି କରିବା ସହ ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟାଳୟ ଓ ବସ୍ ରହଣିକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଉକ୍ତ ନୂଆ ବସ୍‌ଷ୍ଟାଣ୍ଡରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ତେଣୁ ଯାତ୍ରୀମାନେ ବସିବା, ପିଇବା ପାଣି ଓ ଶୌଚାଳୟ ପାଇଁ ସମସ୍ୟା ଭୋଗୁଛନ୍ତି। ସଂଘ ସାଧାରଣ ସଂପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ୨୦ରୁ ଅଧିକ ମାଲିକ ପ୍ରଥମେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ ଓ ଉପଜିଲାପାଳ କାର୍ଯ୍ୟାଳୟରେ ଏହି ଦାବିପତ୍ର ଦେଇଛନ୍ତି।

## ହଷ୍ଟେଲ ଉଦ୍‌ଘାଟନ କଲେ ବିଧାୟକ

ପଟ୍ଟାଙ୍ଗି, ୧୬।୩(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ତାଡିବାଲସା ଗାଁରେ ଥିବା ପ୍ରାଥମିକ ସ୍କୁଲ ଗୃହକୁ ପୁନରୁଦ୍ଧାର କରାଯାଇ ସରକାରଙ୍କ ପକ୍ଷରୁ ସେଠାରେ ଏକ ଆବାସିକ ବିଦ୍ୟାଳୟ ହଷ୍ଟେଲ ଖୋଲାଯାଇଛି। ଉକ୍ତ ହଷ୍ଟେଲକୁ ସୋମବାର ଉଦ୍‌ଘାଟନ କରାଯାଇଛି। ଡିଇଓ ରାମଚନ୍ଦ୍ର ନାହାକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରୀତମ ପାଢୀ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ଅତିଥିଭାବେ ଯୋଗଦେଇ ହଷ୍ଟେଲ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧରେ ଏବିଇଓ ରଜନୀକାନ୍ତ ବଡନାୟକ, ସିଆରସିସି ସୀତାନାଥ ନାୟକ, ସାମାଜିକ କର୍ମୀ ରଞ୍ଜିତ ପାଙ୍ଗି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ମାଝି, ପ୍ରଧାନ ଶିକ୍ଷକ ସତ୍ୟ ସୁନ୍ଦର ପଣ୍ଡା, ଶୁଙ୍କି ସିଆରସିସି ମହେନ୍ଦ୍ର ଭତ୍ରା ଓ ନବୀନ ଚାନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ। ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବା ପରେ ୨୧ ଲକ୍ଷ ଟଙ୍କା ଅନୁଦାନ ରାଶିରେ ତାହାର ପୁନରୁଦ୍ଧାର କରାଯାଇ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ କରାଯାଇଛି। ଏହାକୁ ନେରଡବାଲସା ଆବାସିକ ବିଦ୍ୟାଳୟରେ ନାମିତ କରାଯାଇଛି। ଏଠାରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧରେ ୫୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେମାନଙ୍କ ପାଇଁ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ପଞ୍ଚାୟତରେ ପଡୋଶୀ ଆନ୍ଧ୍ରପ୍ରଦେଶ ପ୍ରଶାସନ ବାରମ୍ବାର ଅନୁପ୍ରବେଶ କରି ଉନ୍ନୟନମୂଳକ କାର୍ଯ୍ୟ କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ ଅଞ୍ଚଳର ଉନ୍ନତି ପାଇଁ ୧୬୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ କରୁଛନ୍ତି।

### ବ୍ୟାଙ୍କରୁ ଋଣ ଠକେଇ



ଅତିଥିମାନେ ହଷ୍ଟେଲ ଉଦ୍‌ଘାଟନ କରୁଛନ୍ତି।

## ରାସ୍ତାର ସ୍ଥାୟିତ୍ୱ ଖାଉଛି ବାଲିବୋଝେଇ ଭାରିଯାନ

କୁନ୍ଦୁରା,୧୬।୩(ଡି.ଏନ୍.ଏ.)

### ପ୍ରଶାସନର କଟକଣାରେ ଢିଲା

- କ୍ଷମତାଠାରୁ ଅଧିକ ବାଲି, ପଥର ବୋହୁଛି ଗାଡ଼ି
- ନିଲାମ ଅବଧି ସରିଥିଲେ ବି ଚାଲାଣ ହେଉଛି ବାଲ




ସଡ଼କ ହେଉଛି ବିକାଶର ମାଧ୍ୟମ। ଗମନାଗମନ ସହଜ ସୁଲଭ କରିବା ପାଇଁ ସରକାର ରାସ୍ତା ନିର୍ମାଣ କରିବା ସହ ତାହାର ରକ୍ଷଣାବେକ୍ଷଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ କ୍ଷମତାଠାରୁ ଅଧିକ ବାଲି, ପଥରବୋଝେଇ ଭାରୀଯାନ ଚଳାଚଳ କରିବା ଯୋଗୁ ରାସ୍ତାର ସ୍ଥାୟିତ୍ୱ ନଷ୍ଟ ହେବା ସହ ତାହା ଯାତାୟନ ଅନୁପଯୋଗୀ ହେବାରେ ଲାଗିଛି। କୋରାପୁଟ ଜିଲା ଅଧୀନରେ ଥିବା ପୂର୍ତ୍ତ ବିଭାଗର ଜୟପୁରରୁ କୁନ୍ଦୁରା ଭାୟା ଫାମ୍ପୁଣି ଯାଏ ୨୫ କିମି ରାସ୍ତା ୨୦୧୮-୧୯ରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଏହି ରାସ୍ତାରେ ମାତ୍ରାଧିକ କ୍ଷମତାର ବାଲିବୋଝେଇ ହାଇୱା (୩୦ ଟନ୍ ବିଶିଷ୍ଟ) ଦିନରାତି ପରିବହନ କରିବା ଯୋଗୁ ତାହା ନଷ୍ଟ ହେବାକୁ ବସିଛି।

କୁନ୍ଦୁରା ବ୍ଲକରେ ୩ଟି ପ୍ରମୁଖ ନଦୀ କୋଲାବ, କୁର୍ଲୁ ଓ ବିରି ରହିଥିବା ବେଳେ ଏଠାରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ପୂର୍ବ ପଞ୍ଚାୟତ ସମିତି ବୈଠକରେ ଜିଲା ବିଜେଡି ଉପସଭାପତି ସଞ୍ଜୟ ସାହୁ ଅନୁମତି ନ ଥିବା ଭାରୀଯାନ ଚଳାଚଳ ବନ୍ଦ କରିବା ପାଇଁ ତହସିଲଦାର ଆୟୁବ ମଣ୍ଡଳଙ୍କୁ ଜଣାଇଥିଲେ। କିନ୍ତୁ ପୂର୍ବାପେକ୍ଷା କମିବା ବଦଳରେ ଅଧିକ ଗାଡ଼ି ବାଲି ଚାଲାଣ କରୁଛି। ବ୍ଲକରେ ଗତ ଦିନରେ ଯେଉଁ ସବୁ ବାଲିଉସ୍ତ ନିଲାମ ହୋଇଥିଲା, ସେଥିରୁ ଅଧିକାଂଶର ଟେଣ୍ଡର ଅବଧି ସରିଥିଲେ ମଧ ବଳପୂର୍ବକ ସେଠାରୁ ବାଲି ଚାଲାଣ କରାଯାଉଛି। ଏଠାକାର ବାଲି କୋରାପୁଟ, ସେମିଳିଗୁଡ଼ା, ସୁନାବେଡ଼ା ଅଞ୍ଚଳକୁ ପ୍ରତିଦିନ ଚାଲାଣ ହେଉଛି। କିଛି ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଗାଡ଼ିରେ ମଧ ବାଲି ଚାଲାଣ କରାଯାଉଛି। ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ବେଆଇନ ବାଲି ଚାଲାଣ କରୁଥିବା କିଛି ଭାରୀଯାନକୁ ଜରିମାନା ମଧ କରିଛନ୍ତି। ଜୟପୁରରୁ କୁନ୍ଦୁରା ଆସିବା ସମୟରେ ଜୟନଗର, ଅନ୍ତା ଓ ବାୟାଗୁଡ଼ା ଯାଏ ରାସ୍ତା କଦର୍ଯ୍ୟ ହୋଇପଡ଼ିଛି। କୁନ୍ଦୁରା ତହସିଲ, ବ୍ଲକ ଓ ଥାନା ସମ୍ମୁଖରେ କ୍ଷମତାଠାରୁ ଅଧିକ ବାଲି, ପଥର ନେଇ ଭାରୀଯାନ ଚଳାଚଳ କରୁଥିଲେ ମଧ ସମସ୍ତେ ନିରବ ରହିଛନ୍ତି। ନିୟମିତ ଏହାର ଯାଞ୍ଚ ହେଲେ ବେଆଇନ ବାଲି ଚାଲାଣ ଓ ଭାରୀଯାନ ଚଳାଚଳକୁ ରୋକାଯାଇପାରିବ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

**ସଂକ୍ଷେପରେ**

## କରୋନା ମୁକାବିଲା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶନାମା ଜାରି

ନବରଙ୍ଗପୁର,୧୬।୩(ବି.ପ୍ର.)- କରୋନା ମୁକାବିଲା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଧାରା ୧୪୪ (୨) ଅନୁଯାୟୀ ଆଦେଶନାମା ଜାରି କରିଛନ୍ତି। ଏଥିରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଲେଖ କରିଛନ୍ତି ଯେ, ନବରଙ୍ଗପୁର ଜିଲା ପରିସରରେ ଘର ବ୍ୟତୀତ ୫ ଜଣ ବ୍ୟକ୍ତି ଅନ୍ୟ କୌଣସି ସ୍ଥାନରେ ଏକତ୍ରିତ ରହିପାରିବେ ନାହିଁ। ସମ୍ମିଳନୀରେ ଜନସମାଗମକୁ ବାରଣ କରାଯିବା ସହ ଏହି କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ ଆଦେଶ ଦେଇଛନ୍ତି। ଧାର୍ମିକ ଉତ୍ସବ,ବାହାଘର ଭୋଜି ଭଳି ସାମାଜିକ ଜନସମାଗମକୁ ବାରଣ କରାଯାଇଛି। ବରଯାତ୍ରୀ,ଅପେରା ଆଦି କାର୍ଯ୍ୟକ୍ରମ କରିପାରିବେ ନାହିଁ। ରାଜନୈତିକ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ହୋଇପାରିବ ନାହିଁ। ନିୟମିତ ଭାବରେ ବାହାରୁ ଆସି ହୋଟେଲରେ ରହୁଥିବା ଲୋକମାନଙ୍କୁ ସତର୍କତା ସ୍ୱରୂପ ସମସ୍ତ କୋଭିଡ ୧୯ ନିୟମର ପାଳନ କରାଯିବାକୁ ବାଧ କରାଯାଇଛି। ଥଣ୍ଡା, କାଶ ଜ୍ୱର ଓ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ହେଲପ୍ ଲାଇନ ନଂ ୦୬୮୫୮ ୨୨୨୪୫୯,ମୋବାଇଲ ନଂ ୯୪୩୯୯୮୮୭୮୭,୯୪୩୯୯୮୮୪୬୮କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ,ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ସମସ୍ତ ଥାନା ଅଧିକାରୀମାନଙ୍କୁ ଜନସମାଗମ ଉପରେ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଗୁଜବ ଖବର, ସୋସିଆଲ ମିଡିଆରେ ଅପପ୍ରଚାରକାରୀଙ୍କ ପ୍ରତି କଡ଼ା ପଦକ୍ଷେପ ଗ୍ରହଣ କରାଯିବ। ଏହି ଆଦେଶ ନାମା ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ସୋମବାର ମିସ୍ କେସ ନଂ. ୧/୨୦ ଅନୁଯାୟୀ ନିର୍ଦ୍ଦେଶ ନାମା ଜାରି କରିଛନ୍ତି।

## ଅନ୍ୱେଷା ବାଳକ ହଷ୍ଟେଲର ରୋଷେୟାଙ୍କ ଆତ୍ମହତ୍ୟା

ନବରଙ୍ଗପୁର,୧୬।୩( ବି.ପ୍ର.)- ନବରଙ୍ଗପୁର ଟିର୍ଲି ଆମ୍ବଗୁଡ଼ା ନିକଟରେ ଥିବା ଅନ୍ୱେଷା ହଷ୍ଟେଲରେ କାର୍ଯ୍ୟରତ ରୋଷେୟା ଗୁରୁବାରି ଗଣ୍ଡ ନିକଟସ୍ଥ ଏକ କାଜୁ ବଗିଚା ଗଛରେ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ମୃତଦେହ ଉଦ୍ଧାର କରି ମର୍ଚ୍ଚରୀରେ ରଖା ଯାଇଛି । ଖବର ପାଇଁ ପରିବାର ଲୋକ ଅପରାହ୍ନରେ ପହଞ୍ଚିଥିଲେ । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ । ଗୁରୁବାରୀଙ୍କ ଘର ରାଇଘର ଥାନା ଅଧିନ ଡଙ୍ଗରିପାରା ବୋଲି ଜଣାପଡ଼ିଛି । ଗୁରୁବାରି ବାଳକ ନିବାସରେ ରୋଷେୟା ଭାବେ କାର୍ଯ୍ୟ କରି ଆସୁଥିଲେ । ସକାଳୁ ରୋଷେଇ ସମୟ ହୋଇ ଥିଲେ ମଧ ସେ ଆସି ନ ଥିଲେ । ୱାର୍ଡେନମାନେ ଗୁରୁବାରୀଙ୍କ ମୋବାଇଲ ନମ୍ବରକୁ କଲ କରିଥିଲେ ରିଙ୍ଗ ହୋଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ନିକଟସ୍ଥ ଦୋକାନକୁ ଯାଇଥିବେ ଭାବି ଅନୁସନ୍ଧାନ କରିଥିଲେ । ପରେ କାଜୁ ବଗିଚା ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି କାଜୁ ବଗିଚାର ଏକ ଗଛରେ ଜଣେ ଯୁବତୀ ଝୁଲନ୍ତା ଅବସ୍ଥାରେ ଥିବା କହିଥିଲେ। ୱାର୍ଡେନମାନେ ପହଞ୍ଚି ଜାଣିବାକୁ ପାଇଥିଲେ ଗୁରୁବାରୀ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଛି । ତେବେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ପୋଲିସ ତଦନ୍ତ କରୁଛି । ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଶଶାଙ୍କ ଶେଖର ତ୍ରିପାଠୀ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି।

## ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଗ୍ରୀନ ଦଳ ବିଜୟୀ

ନବରଙ୍ଗପୁର,୧୬।୩(ବି.ପ୍ର.) - ନବରଙ୍ଗପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଆନ୍ତଃ ଜିଲା ଲିଗ କ୍ଲବ ଟୁର୍ଣ୍ଣାମେଣ୍ଟରେ ରେଡ ଦଳ ପ୍ରଥମେ ବ୍ୟାଟିଂ କରି ୨୭. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ ହାସଲ କରିଥିଲା । ଏହାର ଜବାବରେ ଗ୍ରୀନ ଦଳ ୨୧.୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ରେଡ ଦଳ ପକ୍ଷରୁ ସୁଦୀପ କୁମାର ଢାଲି ୬ ଓଭରରେ ମାତ୍ର ୧୬ ରନ ଦେଇ ୪ଟି ଉଇକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଓଡ଼ିଶା କ୍ରିକେଟ ସଂଘର କର୍ମକର୍ତ୍ତା ସୁଶୀଲ କୁମାର ସୁନ୍ଦରାଇ ଉପସ୍ଥିତ ରହି ଅନଲାଇନ ସ୍କୋରିଂ କରିଥିଲେ । ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ପ୍ରାକ୍ତନ କ୍ରିକେଟ ଖେଳାଳି ରମେଶ ସାମନ୍ତରାୟ, ସବୀର ବେଗ, ଅଶୋକ ନାୟକ, ଓ ଲାଲ ମହମ୍ମଦ ଚୟନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଶଶାଙ୍କ ଶେଖର ବେହେରା, ରମେଶ ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# ଜିଲାରେ ବନ୍ଦ ହେବ ୨୫୭ ବିଦ୍ୟାଳୟ

ନବରଙ୍ଗପୁର,୧୬।୩(ବି.ପ୍ର.)



ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଜିଲା ସଂଘର କର୍ମକର୍ତ୍ତା ମାନେ।

**ନୂତନ ଶିକ୍ଷା ନିୟମ : ବଢ଼ାଇବ ଡ୍ରପ ଆଉଟ ସଂଖ୍ୟା**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଅନୁଯାୟୀ ୪୦ରୁ କମ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ଗୁଡ଼ିକ ବନ୍ଦ କରି ଦିଆଗଲେ ରାଜ୍ୟରେ ୧୪ ହଜାର ୩୭୯ ବିଦ୍ୟାଳୟ ବନ୍ଦ ହୋଇଯିବ । ଏହାଦ୍ୱାରା ଛାତ୍ରୀଛାତ୍ର ଓ ଶିକ୍ଷକମାନେ ପ୍ରଭାବିତ ହେବେ। ଏକ କିମି ଦୂରତା ମଧ୍ୟରେ ୨୦ରୁ କମ ପିଲା ଥିବା ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉ। ୨୦ରୁ ଅଧିକ ପିଲା ଥିବା ତଥା ଏକ କିମି ଦୂରତାରେ ଥିବା ବିଦ୍ୟାଳୟକୁ ମିଶ୍ରଣ କରାନଯିବାପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ନିବେଦନ କରାଯାଇଛି। ଯଦି ଏହାକୁ ପରିବର୍ତ୍ତନ କରାନଯାଏ ତେବେ ରାଜ୍ୟରେ ଡ୍ରପ ଆଉଟ ସଂଖ୍ୟା ଅଧିକ ବଢ଼ିବ । ବେସରକାରୀ ବିଦ୍ୟାଳୟକୁ ପ୍ରୋତ୍ସାହନ ମିଳିବ । ଏନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ୪୦ରୁ କମ ଥିବା ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ସଂଘର ରାଜ୍ୟ ମହାସଚିବ ଅମୀୟ କୁମାର ଦାଶ ଓ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ଉପସଭାପତି ସନନ୍ତ ପ୍ରହରାଜ କହିଛନ୍ତି। ସରକାରଙ୍କ ନୂତନ ଶିକ୍ଷା ନୀତିକୁ ଆଧାର କଲେ ନବରଙ୍ଗପୁର ଜିଲାରେ ୨୦ରୁ କମ ଛାତ୍ରୀଛାତ୍ର ଥିବା ୯୩ଟି ପ୍ରାଥମିକ ବିଦ୍ୟାଳୟ, ୪୦ରୁ କମ ଥିବା ପ୍ରଥମରୁ ଅଷ୍ଟମ ଛାତ୍ରୀ ଛାତ୍ର ବିଦ୍ୟାଳୟ ୧୩୦ ରହିଛି । ୪୦ରୁ କମ ଥିବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ୩୪ଟି ରହିଛି। ନୂତନ ନିୟମ ଲାଗୁ ହେଲେ ୨୫୭ ଟି ବିଦ୍ୟାଳୟ ବନ୍ଦ ହୋଇଯିବ। ଏହା ଜିଲାର ଶିକ୍ଷା କ୍ଷେତ୍ରରେ ପ୍ରଭାବ ପକାଇବ। ବିଶେଷ କରି ଗ୍ରାମାଞ୍ଚଳ ପିଲାମାନେ ଏହାଦ୍ୱାରା ପ୍ରଭାବିତ ହେବେ। ଏହାକୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି । ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ବିଭିନ୍ନ ଦୁର୍ଗମ ଓ ଅଗମ୍ୟ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ରହିଛି । ଗମନାଗମନ ସମସ୍ୟା ରହିଛି। ଏଭଳି ସ୍ଥଳେ ସରକାର ଛାତ୍ର ସଂଖ୍ୟା କମ ଥିବା ଆଳରେ ମିଶ୍ରଣ କଥା ଉଠାଇ ନିୟମ କରିଛନ୍ତି । ଯାହାକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଉଛି ବୋଲି ସଂଘର ସଭାପତି ବିଷ୍ଣୁପ୍ରସାଦ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ରମଣି ରଂଜନ ତ୍ରିପାଠୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

କୋରୁକୋଣ୍ଡା, ୧୬।୩(ଡି.ଏନ.ଏ)



ମୁଡ଼ା ମାଡକାମି (ଫାଇଲ ଫଟୋ)

- ତେଲେଙ୍ଗନାର କରିମନଗରରେ କାମ କରୁଥିଲେ
- ମୃତ୍ୟୁର କାରଣ ସାପ କାମୁଡ଼ା କୁହାଯାଉଛି
- ଜିଲା ପ୍ରଶାସନ ତଦନ୍ତ କରିବାକୁ ଦାବି

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମୁଡ଼ା ମାଡକାମି (୪୦)। ଘରର କିଛି ଋଣ ଶୁଝିବା ନିମନ୍ତେ ଗତ କିଛି ମାସ ତଳେ ସେ ଆଖପାଖ ଗ୍ରାମର କେତେକ ଯୁବକଙ୍କ ସହ ତେଲେଙ୍ଗନା ରାଜ୍ୟର କରିମନଗରକୁ ଯାଇ ଗଣେଶ ମଦ୍ରାସ ନାମକ ଏକ ପଥର ଖଣିରେ କାମ କରୁଥିଲେ। ଗତ ଶନିବାର ସନ୍ଧ୍ୟାରେ ମୁଡ଼ା କାମ କରୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଠିକା କମ୍ପାନୀ ପକ୍ଷରୁ ପଡ଼ୋଶୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ନିକଟକୁ ଫୋନ କରି ମୁଡ଼ାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ରବିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଯୋଗେ ମୁଡ଼ାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ତେବେ କୋଉ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ପରିବାର ଲୋକଙ୍କୁ କିଛି କୁହାଯାଇ ନ ଥିଲା। ଡାକ୍ତରଖାନାରେ ଚିକିତ୍ସା ସମ୍ପର୍କିତ କିଛି କାଗଜପତ୍ର ପ୍ରଦାନ କରାଯାଇ ନ ଥିଲା। ଫୋନ ମାଧ୍ୟମରେ ଠିକା ସଂସ୍ଥାକୁ ଯୋଗାଯୋଗ କରାଯାଇଥିଲେ ମଧ କମ୍ପାନୀ କୌଣସି ସୂଚନା ଦେଇ ନ ଥିଲା। ପରିବାର ଓ ଗ୍ରାମବାସୀ ମୁଡ଼ାଙ୍କ ମୃତ୍ୟୁର ପ୍ରକୃତ କାରଣ ତଦନ୍ତ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ତାରଲାକୋଟା ଶୁକ୍ରାଗୁଡ଼ା ଗ୍ରାମର ଲକ୍ଷ୍ମୀ ମାଡ଼ି, ମହୁଲପୁଟ ଗ୍ରାମରୁ ୩ଜଣ, ଦଳପତିଗୁଡ଼ାର ଖଗପତି କଡ଼ାଙ୍କ ଭଳି ଅନେକ ଶ୍ରମିକ ଦାଦନ ଖଟିବାକୁ ଯାଇ ନିଖୋଜ ଅଛନ୍ତି। ଏପରି ସ୍ଥଳେ କାମ କରିବାକୁ ଯାଇଥିବା ମୁଡ଼ାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ତାଙ୍କ ସ୍ତ୍ରୀ ରାମେ, ୪ ପୁଅ, ଗୋଟିଏ ଝିଅ ସହ ବୁଢ଼ା ବାପା କିପରି ଚଳିବେ ସେ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେଇ ତାଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

## କରୋନା ପାଇଁ ଧୋଡ୍ରା ମଣ୍ଡେଇ ସ୍ଥଗିତ

ଧୋଡ୍ରା,୧୬।୩(ଡି.ଏନ.ଏ)



ବୈଠକରେ ଉପସ୍ଥିତ ଗ୍ରାମବାସୀ

ଐତିହାସିକ ତଥା ପାରମ୍ପାରିକ ଧୋଡ୍ରା ମଣ୍ଡେଇ ଉତ୍ସବକୁ କରୋନା ପାଇଁ ସ୍ଥଗିତ ରଖାଯାଇଛି। ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଧୋଡ୍ରା ମଣ୍ଡେଇ ହେବ ବୋଲି ପ୍ରସ୍ତୁତି ଚାଲିଥିଲା। ମଣ୍ଡେଇ ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାର ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ପଶ୍ଚିମବଙ୍ଗ,ଝାଡଖଣ୍ଡ ଆଦି ଅଞ୍ଚଳରୁ ବ୍ୟବସାୟୀମାନେ ଆସି ବ୍ୟବସାୟ ପସରା ଖୋଲିଥାନ୍ତି । ଲୋକଙ୍କ ମନୋରଞ୍ଜନ ସକାଶେ ମୀନାବଜାର, ସର୍କସ, ଝୁଲା, ଦେଶିଆନାଟ ଆୟୋଜନ କରାଯାଇଥିଲା। ମଣ୍ଡେଇ ଉତ୍ସବକୁ ନେଇ ଘରେ ଘରେ ବନ୍ଧୁବାନ୍ଧବ ଆଗମନ ହୋଇଥାଏ। ମଣ୍ଡେଇରେ ବହୁ ଜନସମାଗମ ହୋଇଥାଏ। କରୋନାକୁ ଦୃଷ୍ଟିରେ ରଖି ଧୋଡ୍ରା ମଣ୍ଡେଇକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି

ଧୋଡ୍ରା ମଣ୍ଡେଇ ପଡ଼ିଆରେ ସରପଞ୍ଚ ବେଲ ମାଝିଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ ଜନସମାଗମ ନ କରି ପାରମ୍ପାରିକ ରୀତିନୀତି ଅନୁସାରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ମଣ୍ଡେଇ ଉତ୍ସବ ସମାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗ୍ରାମ ପ୍ରମୁଖ ପୂଜାରୀ, ଗାଣ୍ଡା,ଚଲାନ, ଶିକ୍ଷାବିତ ବଂଶୀଧର ଭୂୟାଁ, ଭଗବାନ ପୂଜାରୀ, ବଡ ପୂଜାରୀ, ମଙ୍ଗଳା ମାଝି, ଯୁଧିଷ୍ଠିର ଦଳେଇ, ଅରୁଣ ପନକା, ମାଧବ ପୂଜାରୀ, ରାକେଶ କୁମାର ଜେନା, ମୁକେଶ ଗୁପ୍ତା, ପିଇଓ ଗଣେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ପାଇଁ ବିଦ୍ୟାଳୟ ବନ୍ଦ, ହଷ୍ଟେଲ ଖୋଲା

ଡାବୁଗାଁ, ୧୬।୩ (ଡି.ଏନ.ଏ.)

କାରୋନା ଭାଇରସ ସଂକ୍ରମଣରୁ ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ରାଜ୍ୟ ବିପତ୍ତି ଘୋଷଣା କରିଛନ୍ତି। ଏଥିସହ ଓଡ଼ିଶାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ପାର୍କ, ସିନେମା ହଲ, ଜନସମାଗମ ଗୁଡ଼ିକ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ । ତେବେ ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକରେ ବିଦ୍ୟାଳୟ ବନ୍ଦ ରହିଥିଲେ ମଧ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସ ଓ ଛାତ୍ରାବାସଗୁଡ଼ିକ ଚାଲୁ ରହିଛି । ଯେଉଁଥିରେ କି ୨୦୦ ରୁ ୬୦୦ ପର୍ଯ୍ୟନ୍ତ ପିଲା ରହୁଛନ୍ତି । ଗୋଟିଏ ପ୍ରକୋଷ୍ଠରେ ୧୦ରୁ ୪୦ ଜଣ ପିଲା ମିଳିତ ଭାବେ ରହୁଛନ୍ତି । ଯେତେ ସଚେତନ ହେଲେ ମଧ କରୋନା ଭାଇରସ ବ୍ୟାପିବାର ଆଶଙ୍କା ରହିଛି। ଡାବୁଗାଁ ବ୍ଲକରେ ପ୍ରାୟ ୧୪ ଟି ହଷ୍ଟେଲ ରହିଛି । ଏହି ହଷ୍ଟେଲ ଗୁଡ଼ିକରେ ମୋଟ ୨୮୨୩ ପିଲା ମିଳିତ ଭାବେ ରହୁଛନ୍ତି ।| ଏହା ସରକାରଙ୍କ ନୀତିକୁ ବିରୋଧ କରୁଥିବା ସାଧାରଣରେ ମତ ପ୍ରକାଶ ପାଉଛି । ବିଦ୍ୟାଳୟ ଗୁଡ଼ିକରେ ପରୀକ୍ଷା ସରିବା ପରେ ହଷ୍ଟେଲ ଗୁଡ଼ିକୁ ବନ୍ଦ କରାଯିବାକୁ ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଙ୍କ ପତ୍ରସଂଖ୍ୟା ୫୯୬୬ ତା ୧୬।୩।୨୦ ଅନୁସାରେ ୧ ଶ୍ରେଣୀରୁ ୯ ମ ଶ୍ରେଣୀ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷା ଗୁଡ଼ିକ ଘୁଞ୍ଚାଇ ଦିଆଯାଇଛି। ତେଣୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ଗୁଡ଼ିକୁ ମଧ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

## ମାଥିଲିରେ କରୋନା ସଚେତନତା

ଗୋବିନ୍ଦପାଲି/ମାଥିଲି,୧୬।୩ (ଡି.ଏନ.ଏ.)

ମାଥିଲି ପଞ୍ଚାୟତ ସଭାଗୃହ ପରିସରରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ୱାର୍ଡମେମ୍ବରମାନଙ୍କୁ ନେଇ କରୋନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବିଡିଓ ଆଶିଷ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ସଭ୍ୟ ବାଲାରାଜୁ କପେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ, ସରପଞ୍ଚ ଗୌରୀ ବଟେ ପ୍ରମୁଖ ଉପସ୍ଥିତ ରହି କରୋନାର ମୁକାବିଲା ପାଇଁ କିଭଳି ସଚେତନ ରହିବ ସେ ନେଇ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ପିଇଓ ମହାରଣା ମାସ୍କ ପ୍ରଦାନ କରିଥିଲେ। ସେହିପରି ଗୋବିନ୍ଦପାଲି ଆରଏମ୍‌ସି ଫାଟକଠାରେ ଯାତାୟାତ କରୁଥିବା ବସ, ଟ୍ରକ, କାର ଯାତ୍ରୀ ଓ ଚାଳକଙ୍କୁ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ତହସିଲଦାର ମଘବାନ ବାଘ, ଖଇରପୁଟ ତହସିଲଦାର ରାମେଶ୍ୱର ନାୟକ, ମାଥିଲି ବିଡିଓ ଆଶିଷ କୁମାର ଭୋଇ ପ୍ରମୁଖ ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ କରୋନା ଉପରେ କିଭଳି ସଚେତନ ରହିବ ଯାତ୍ରୀଙ୍କୁ ବୁଝାଇଥିଲେ। ଯାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ବସ୍ କଣ୍ଡକ୍ଟରମାନଙ୍କୁ ପରାମର୍ଶ ଦେଇଥିଲେ।

## ଛାତ୍ରୀ ମୁହଁରେ ଓଢ଼ଣି ବାନ୍ଧି ପରୀକ୍ଷା ଦେଲେ

**କରୋନା ସତର୍କତା**

ନନ୍ଦାହାଣ୍ଡି,୧୬।୩(ଡି.ଏନ.ଏ.)



ଛାତ୍ରୀମାନେ ମୁହଁରେ ଓଢ଼ଣି ବାନ୍ଧି ପରୀକ୍ଷା ଦେଉଛନ୍ତି।

ଚାରିଆଡେ ଏବ କରୋନା ଭାଇରସ ଭୟ। ଏଥିରୁ ଲୋକମାନେ ରକ୍ଷା ପାଇବା ପାଇଁ ସଚେତନତା ହେବା ସହ ସତର୍କତା ଗ୍ରହଣ କରୁଛନ୍ତି।

ସେଥିପାଇଁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର କତ୍ରାଗୁଡ଼ା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀର ୬୬ ଛାତ୍ରୀମୁହଁରେ ନିଜର ଓଢ଼ଣି ବାନ୍ଧି ଗଣିତ ପରୀକ୍ଷା ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଆଶା ଲତା ଦାଶ କରୋନା ଭାଇରସ ଉପରେ ଛାତ୍ରୀମାନଙ୍କୁ ସଚେନତ କରାଇବା ସହ ଏହାର ପ୍ରତିକାର ପାଇଁ ଆଗୁଆ କଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ବୁଝାଇଥିଲେ । ଛାତ୍ରୀମାନେ ସୋମବାର ଗଣିତ ପରିକ୍ଷାରେ ନିଜ ଓଢ଼ଣିକୁ ମୁହଁରେ ବାନ୍ଧି ପରୀକ୍ଷା ଦେଇଥିଲେ ।

## ବିଏସ୍ଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ବିଏସ୍ଏଫ୍ ପକ୍ଷରୁ ଜଣେ ଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଉଛି।

ଖଇରପୁଟ,୧୬।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କଦମଗୁଡ଼ା ପଞ୍ଚାୟତରେ ବିଏସ୍ଏଫ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟବିଜୟ ଚାହାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମଙ୍ଗଳି ଶିଶା ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ଗୋଷ୍ଠୀ ବୈଠକ ବେଳେ ବ୍ୟବହାର ପାଇଁ ଏକ ଦରି ଏବଂ ଯୁବପିଢ଼ିଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଏଥିସହ ପଞ୍ଚାୟତରେ ଥିବା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ଦାସ, ସିଆସିସି ସୁରେଶ ଚନ୍ଦ୍ର କେଶରୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମା’, ବାପା

ନବରଙ୍ଗପୁର,୧୬।୩(ବି.ପ୍ର.)

**ଶିଶୁପୁତ୍ର ଅଦଳବଦଳ ଘଟଣା**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଶିଶୁପୁତ୍ର ଅଦଳବଦଳ ହୋଇଥିବା ଅଭିଯୋଗର ତଦନ୍ତ ଠିକ ଭାବେ ହେଉ ନାହିଁ। ଥାନାରେ ଅଭିଯୋଗ ପରେ ମଧ ପୋଲିସ ମାମଲା ରୁଜୁ କରୁ ନାହିଁ ବୋଲି ଝରିଗାଁ ବ୍ଲକ

ଟାଲିଆମ୍ବା (ଖ) ଗାଁର ସୀମାଞ୍ଚଳ ସାହୁ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାହୁ ଜିଲାପାଳଙ୍କୁ ଭେଟି ସୋମବାର ଅଭିଯୋଗ କରିଛନ୍ତି। ସସ୍ମିତାଙ୍କ ୨୭ ତାରିଖରେ ଅସ୍ତ୍ରୋପଚାର ପରେ ଶିଶୁ ପତ୍ର ଜନ୍ମ ହୋଇଥିଲା । ଏହାକୁ ଅଦଳ ବଦଳ କରାଯାଇ ମୃତ ଶିଶୁ ପୁତ୍ର ଦିଆଯାଇଥିବା ନେଇ ସିମାଞ୍ଚଳ ସୋମବାର ସନ୍ଧ୍ୟାରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖରେ ସିଡିଏମଓ ସନ୍ତୋଷ ସ୍ୱାଇଁ ଏକ ଟିମ ଗଠନ କରି ଘଟଣାର ତଦନ୍ତ କରାଇଛନ୍ତି । ତଦନ୍ତ ସମୟରେ ଡକାଯାଇଥିଲେ ମଧ ତାଙ୍କ ଅଭିଯୋଗକୁ ତଦନ୍ତ କମିଟି ଗୁରୁତ୍ୱ ଦେଇନଥିବା କହିଛନ୍ତି। ଏହାର ଠିକ ତଦନ୍ତ ହେଉନାହିଁ। ଠିକ ଭାବେ ତଦନ୍ତ ହେଉନଥିବା ସିଡିଏମଙ୍କୁ ସୀମାଞ୍ଚଳ କହିଥିଲେ। ଉକ୍ତ ଘଟଣାରେ ଫୋନ ନକରିବାକୁ ସିଡିଏମଓ କହିଥିବା ସୀମାଞ୍ଚଳ କହିଛନ୍ତି।ଏହି ତଦନ୍ତ ୧ ବର୍ଷ ପର୍ଯ୍ୟନ୍ତ ଚାଲି ପାରେ ଏହାର ସମୟ ସୀମା ନାହିଁ ବୋଲି ତଦନ୍ତ ପାଇଁ ଗଠିତ ଟିମରେ ଥିବା ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ କହିଥିବା ଜିଲାପାଳଙ୍କ ନିକଟରେ ସୀମାଞ୍ଚଳ କହିଛନ୍ତି। ମୃତ ଶିଶୁର ଓଜନରେ ତାଳମେଳ ରହୁ ନାହିଁ। ଡାକ୍ତର ମୃତ ଶିଶୁର ଓଜନ ୧ କିଲୋ ୯ଶହ ଗ୍ରାମ ବୋଲି କହିଥିଲେ। ତେବେ ପୁଣି ଓଜନ କରାଯିବା ବେଳେ ତାହା ୨ କିଲୋ ୫ଶହ ଗ୍ରାମ ଥିଲା । ଥାନାରେ ଅଭିଯୋଗ ପରେ ମଧ ମାମଲା ରୁଜୁହେଉ ନାହିଁ ବୋଲି ଜିଲାପାଳଙ୍କୁ ସିମାଞ୍ଚଳ ଜଣାଇଛନ୍ତି। ଏହି ଘଟଣାର ତଦନ୍ତ କାହିଁକି ହେଉନାହିଁ ବୋଲି ଜିଲାପାଳ ଏସପିଙ୍କୁ ପଚାରିଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ସିମାଞ୍ଚଳ ଓ ତାଙ୍କ ପରିବାର ମଙ୍ଗଳବାର ଏହି ଘଟଣାରେ ପୁଣି ଏସପିଙ୍କୁ ଭେଟିବେ ବୋଲି କହିଛନ୍ତି।

ଟାଲିଆମ୍ବା (ଖ) ଗାଁର ସସ୍ମିତା ସାହୁଙ୍କୁ ୨୭ ତାରିଖରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଅସ୍ତ୍ରୋପଚାର କକ୍ଷକୁ ନିଆଯାଇଥିଲା। ଡାକ୍ତର ବାହାରି ଗର୍ଭରେ ଶିଶୁପତ୍ର ମରି ପଡି ଯାଇଛି ବୋଲି କହିଥିଲେ । ମୃତ ଶିଶୁ ପୁତ୍ର ତାଙ୍କର ନୁହେଁ ବୋଲି ସୀମାଞ୍ଚଳ ସନ୍ଦେହ କରିଥିଲେ । ଏନେଇ ମୃତ ଶିଶୁ ପୁତ୍ରର ଡିଏନଏ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ ବୋଲି ନବରଙ୍ଗପୁର ଥାନାରେ ଓ ସିଡିଏମଓଙ୍କୁ ସିମାଞ୍ଚଳ ଲିଖିତ ଅଭିଯୋଗ କରିଥିଲେ। ଜନ୍ମିତ ଶିଶୁକୁ ବଦଳାଇ ଦେବା, ସ୍ୱାମୀ ଓ ସ୍ତ୍ରୀର ବିନା ଅନୁମତିରେ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଗଲା ବୋଲି ଥାନାରେ ଏତଲା ଦିଆଯାଇଛି ।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ତେନ୍ତୁଳିଖୁଣ୍ଟି,୧୬।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡାରେ ଏକ ବାଇକ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହେବାରୁ ବାଇକ ଆରୋହୀ ଭାଗିରଥି ମାଝିଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ଭାଗିରଥୀ ମାଝି ବାଇକରେ ଯାଉଥିବା ବେଳେ ଭାରାସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭାଗିରଥୀଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଭାଗିରଥିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଭାଗିରଥିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଆଦିବାସୀ ମଣ୍ଡେଇ ପାଳିତ

ଡାବୁଗାଁ, ୧୬।୩ (ଡି.ଏନ.ଏ.)



ମଣ୍ଡେଇ ଉତ୍ସବରେ ଯୋଗ ଦେଇଥିବା ବିଧାୟକ ଓ ଜନସାଧାରଣ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ପଞ୍ଚାୟତ ସଦରମହକୁମାଠାରେ ଆଦିବାସୀଙ୍କ ପର୍ବ ମଣ୍ଡେଇ ରବିବାର ପାଳିତ ହୋଇଯାଇଛି। ଅପରାହ୍ନରେ ବିଭିନ୍ନ ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ସି, ବିମାନ, ଶିରା, ପୂଜାରୀମାନେ ବୋରିଗାଁ ମଣ୍ଡେଇ ପଡ଼ିଆରେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପରେ ବୋରିଗାଁ ବିଦ୍ୟାଳୟ ପଡ଼ିଆରେ ଲାଠି, କୁର୍ସି, ବିମାନ ରଖିବା ସ୍ଥାନରେ ଏକତ୍ରିତ ହୋ ପୂଜାର୍ଚ୍ଚନା କରାଯାଇଥିଲା। ପୋଡଗଡ ଐତିହାସିକ ପୀଠର ୩ ମୁଠା ମଧ୍ୟରୁ ବୋରିଗାଁ ଗୋଟିଏ ମୁଠା । ସେଥିପାଇଁ ୯୩ ଟି ଗ୍ରାମରୁ ଲାଠି, କୁର୍ସି ଓ ବିମାନ ଏଠାରେ ସ୍ଥାନ ପାଇଥିଲେ। ବୋରିଗାଁ ପଞ୍ଚାୟତ ସଦର ମହକୁମାର ମଣ୍ଡେଇ ଦେଖିବା ନିମନ୍ତେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ରାସ୍ତାର ୨ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଦୋକାନ ବଜାର ଖୋଲିଥିଲା। ଉକ୍ତ ମଣ୍ଡେଇ ଉତ୍ସବକୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ଡାବୁଗାଁ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଶୋକ କୁମାର ମୂର୍ତ୍ତୀ, ଡାବୁଗାଁ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ସମ୍ପାଦକ ଏମ୍. ବୁଲୁ ରାଓ ପ୍ରମୁଖ ଯୋଗ ଦେଇଥିଲେ । ରାତିରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଆଦିବାସୀ ନାଟକ ମା’ କନିଆ ପୁଅ ବର ଓ ଠକି ଦେଲ ବନ୍ଧୁ ଠିକଣା ଦେଇ ପରିବେଷଣ କରଯାଇଥିଲା । ଉକ୍ତ ମଣ୍ଡେଇ ଉତ୍ସବ ମଙ୍ଗଳବାର ଶେଷ ହେବ । ଏଥିରେ ମଣ୍ଡେଇ କମିଟି ସଭାପତି ସୁକାଲୁ ପୂଜାରୀ, ଡମ୍ବୁ ପୂଜାରୀ, କୃଷ୍ଣ ପନକା, ଚନ୍ଦ୍ର ପନକା, ଧନସିଂ ନାୟକ, ଈଶ୍ୱର ମାଝୀ, ସୁକମନ ପୂଜାରୀ, ଧନ ପୂଜାରୀ, ଦଶମୁ କଲାର, ଲଛମନ ଗଣ୍ଡା, ବେଣୁଧର ପୂଜାରୀ ଓ ପୋଡଗଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଉଦ୍ଧବ ଚରଣ ନାୟକ ପ୍ରମୁଖ ଅନ୍ୟମାନଙ୍କ ସହଯୋଗରେ ମଣ୍ଡେଇ ପର୍ବ ଅନୁଷ୍ଠିତ ହୋଇଯାଇଥିଲା ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୦ Rayagada, Tuesday, March 17 / 2020

# କରୋନା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ

**ମାଲକାନଗିରି,୧୬।୩(ଡି.ଏନ.ଏ.)**

## ସମସ୍ତ ପଦକ୍ଷେପ ନିଆଯାଉଛି: ଜିଲାପାଳ

- କର୍ମଶାଳା, ବୈଠକ, ତାଲିମ ଶିବିର ବନ୍ଦ
- ବାହାରକୁ ବାହାରିଲେ ମାକ୍ସ ବ୍ୟବହାର ପାଇଁ ପରାମର୍ଶ
- ରାଜ୍ୟ ବାହାରୁ ଫେରିଥିବା ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ନଜର



ଜିଲାପାଳଙ୍କ ଅଧ୍ୟକ୍ଷତାରେ କରୋନା ମୁକାବିଲା ନେଇ ବସିଥିବା ବୈଠକ

କରୋନା ମୁକାବିଲା ପାଇଁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲାରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ମଙ୍ଗଳବାର ହେବାକୁ ଥିବା ଜିଲା ପରିଷଦ ବୈଠକରେ ସରପଞ୍ଚ, ସମିତିସଭ୍ୟ, ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ସଚେତନତା କରାଯିବ ବୋଲି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

ସୋମବାର ସ୍ଥାନୀୟ ଡିଆରଡିଏ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା ପ୍ରକାଶ କରି କହିଛନ୍ତି ଯେ, କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ଏଥିପାଇଁ ସଦରମହକୁମାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଆଇସୋଲେଶନ ୱାର୍ଡ ଖୋଲାଯାଇଛି। କରୋନା ଲକ୍ଷଣ ଦେଖାଗଲେ ଲୋକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପରାମର୍ଶ ଦିଆଯାଇଛି। ବାହାର ରାଜ୍ୟରୁ ଆସୁଥିବା ୨୨ ଜଣ ବ୍ୟକ୍ତିଙ୍କ ଉପରେ ନଜର ରଖି ଜିଲା ପ୍ରଶାସନକୁ ସୂଚନା ଦେବାକୁ କୁହାଯାଇଛି। ବିଭିନ୍ନ କର୍ମଶାଳା, ବୈଠକ, ତାଲିମ ଶିବିରକୁ ବନ୍ଦ ରଖାଯାଇଛି ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି। ଜିଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସିନେମା ହଲକୁ ବନ୍ଦ କରାଯାଇଛି । କୌଣସି ବୈଠକରେ ୨୦ରୁ ୨୫ ଜଣରୁ ଅଧିକ ଯୋଗ ନ ଦେବାକୁ କୁହାଯାଇ ଆଲୋଚନା ବେଳେ ପରସ୍ପର ମଧ୍ୟରେ ୨ ଫୁଟ ଦୂରତା ରଖିବାକୁ ଲୋକଙ୍କୁ ସଚେତନ କରାଯାଉଛି। ଜ୍ୱର ଓ କାଶ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହ ଭୟଭୀତ ନ ହେବାକୁ କୁହାଯାଉଛି । ତେବେ ହାତକୁ ସାବୁନରେ ଧୋଇବା, ମୁହଁରେ ମାସ୍କ ବାନ୍ଧି ବାହାରକୁ ଯିବା, ଖୋଲାରେ ନ ଛିଙ୍କିବା ଭଳି ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ରହିଛି । ମାଲକାନଗିରି ଜିଲାର ପଡ଼ିଆଠାରେ ହେଉଥିବା ଯାତ୍ରା ଅବସରରେ ଅନୁମତି ପ୍ରଦାନ କରାଯାଇଥିବା ମିନାବଜାରକୁ ବନ୍ଦ କରାଯାଇଛି। ଯାତ୍ରା ଅବସରରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବ ପ୍ରସାଦ ମହାରଣା, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚେନ୍ନାଇରୁ କାଲିମେଳା ଫେରିଥିବା ୧୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**କାଲିମେଳା,୧୬।୩(ଡି.ଏନ.ଏ):** କରୋନା ଭାଇରସ ପାଇଁ ଏବେ ସାରା ଦେଶ ଚିନ୍ତିତ। ବିଶେଷ କରି ବାହାର ଅଞ୍ଚଳରୁ ଫେରୁଥିବା ଲୋକମାନଙ୍କ ଉପରେ କଡା ନଜର ରଖାଯାଇଛି । ଏଥିରୁ ମାଲକାନଗିରି ଜିଲା ମଧ ବାଦ୍ ପଡିନାହିଁ। ଚେନ୍ନାଇରେ କାର୍ଯ୍ୟ କରୁଥିବା କାଲିମେଳା ବ୍ଲକର ତେଲରାଇ ପଞ୍ଚାୟତର ଏମଭି-୭୭ ଗ୍ରାମର ୧୦ ଜଣ ଯୁବତୀ ସୋମବାର ଗ୍ରାମକୁ ନିଜ ଘରକୁ ଫେରିବା ପରେ ସେମାନଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମେଡିକାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଅବିଦ ହୁସେନ ଖାନ ଉକ୍ତ ଗ୍ରାମକୁ ଯାଇ ଏକ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କୁ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି । ଏ ସମ୍ପର୍କରେ ଡାକ୍ତର ହୁସେନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ବାହାର ରାଜ୍ୟରୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କୁ ଚକିତ୍ସା କରାଯାଉଛି । ଏହି ଝିଅମାନେ ତାମିଲନାଡୁ ରାଜ୍ୟର ଚେନ୍ନାଇ ଅଞ୍ଚଳରେ କାମ କରି ଘରକୁ ଫେରିଥିବା ଜଣାପଡିବା ପରେ ସେମାନଙ୍କୁ ଡାକ୍ତରଖାନା ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆଗାମୀ ଦିନରେ ଏଭଳି ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି ।

### ଅନ୍ତେବାସୀଙ୍କୁ ମଶାରି ବଣ୍ଟନ

**ଚିତ୍ରକୋଣ୍ଡା, ୧୬।୩(ଡି.ଏନ.ଏ.):** ଉପାନ୍ତ ଚିତ୍ରକୋଣ୍ଡା ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୧୫୦ ଜଣ ଅନ୍ତେବାସୀଙ୍କୁ ସୋମବାର ମଶାରି ବଣ୍ଟନ କରାଯାଇଛି। ଚିତ୍ରକୋଣ୍ଡା ଡାକ୍ତରଖାନା ଅଧକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ, ବିଡ଼ିଓ ଲରିମନ ଖରସେଲ ଓ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ମଶାରି ବଣ୍ଟନ କରାଯାଇଥିଲା। କଲୋନୀ ର ଆଶାକର୍ମୀ ସୂର୍ଯ୍ୟ ଖୁିଲ ସହଯୋଗ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ମଧ କାରୋନା ଭୂତାଣୁ ସମ୍ପର୍କରେ ସଚେତନ କରାଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ୩ଟି ମାଧ୍ୟମରେ ଶରୀରରେ ପ୍ରବେଶ କରେ କରୋନା

**ଚିତ୍ରକୋଣ୍ଡା, ୧୬।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଚିକିତ୍ସାଳୟ ଅଧୀକ୍ଷକ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ତତ୍ତ୍ୱାବଧାନରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଅଞ୍ଚଳର ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପରିବର୍ତ୍ତନ ଏବଂ ମା' ଗୃହ କର୍ମୀମାନେ ଯୋଗଦେଇଥିଲେ। କରୋନା ଭୂତାଣୁ ମୁଖ୍ୟତଃ ୩ଟି ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରିଥାଏ। ହାତ, ନାକ ଏବଂ କାନକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଚିତ୍ରକୋଣ୍ଡା ଅଞ୍ଚଳରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତିଙ୍କ ଉପରେ କଡା ନଜର ରଖିବାକୁ ବୈଠକରେ କୁହାଯାଇଥିଲା। ବାହାର ରାଜ୍ୟରୁ ଆସିଥିବା ବ୍ୟକ୍ତିଙ୍କ ପରୀକ୍ଷା କରାଇବା, ଜଣେ ବ୍ୟକ୍ତିଠାରୁ ଆଉ ଜଣେ ବ୍ୟକ୍ତି ଦୂରରେ ଥାଇ କଥାବାର୍ତ୍ତା ହେବା, କାଶ, ଛିଙ୍କ ସମୟରେ ନାକରେ ରୁମାଲ ଦେବା, ମାକ୍ସ ବ୍ୟବହାର କରିବା, ଜ୍ୱର, କାଶ ହେଲେ ଡାକ୍ତରଙ୍କ ପରାମର୍ଶ ନେବା, ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ନ ପକାଇବା, ବିବାହ, ବ୍ରତ, ଯାତ୍ରା ଆଦିରେ ବହୁ ଲୋକ ସମାଗମ ନ ହେବା, ଖାଇବା ପୂର୍ବରୁ ହାତ ଓ ମୁହଁ ସାବୁନରେ ଭଲ ଭାବେ ଧୋଇବା ଲାଗି ଲୋକଙ୍କୁ ପରାମର୍ଶ ଦେବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଲରିମନ ଖରସେଲ, ତହସିଲଦାର ଟି. ପଦ୍ମନାଭ ଦୋରା, ରାଜେନ୍ଦ୍ର ଦାଶ, ସନ୍ତୋଷୀ ଶାହା ପ୍ରମୁଖ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡ: ୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଗଲା

**ମାଲକାନଗିରି,୧୬।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମୁଖ୍ୟ ରାସ୍ତା କଡରେ ଥିବା ଏକ ମୋଟର ଯାନ ସାମଗ୍ରୀ ବିକ୍ରି ଦୋକାନର ଗୋଦାମରେ ସୋମବାର ଅପରାହ୍ନରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ୟୁନିୟନ ବ୍ୟାଙ୍କ ସମ୍ମୁଖରେ ଥିବା ଗୋଲାପ ଜୈନଙ୍କ ଗୋଦାମ ଘରେ ନିଆଁ ଲାଗି ପ୍ରବଳ ଧୂଆଁ ବାହାରିବା ଦେଖି ଲୋକମାନେ ଗୋଦାମ ମାଲିକ ଏବଂ ଦମକଳ କେନ୍ଦ୍ରକୁ ଫୋନ୍ କରି ଜଣାଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ ଗୋଦାମରେ ଥିବା ୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଥିବା ଜୈନ ପ୍ରକାଶ କରିଛନ୍ତି।

## ଭିଡଠାରୁ ଦୂରେଇ ରହିବାକୁ ପ୍ରଶାସନର ପରାମର୍ଶ

**କୋରୁକୋଣ୍ଡା, ୧୬।୩(ଡି.ଏନ.ଏ)**

କରୋନକୁ ନେଇ ଏବେ ସବୁଆଡେ ଭୟର ବାତାବରଣ ସୃଷ୍ଟି ହୋଇଛି । କୋଭିଡ-୧୯ ଭାଇରସ ସଂକ୍ରମଣ ଏଡାଇବା ଲାଗି ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଜାରି ରହିଛି । ଆସନ୍ତା ୩୧ ପର୍ଯ୍ୟନ୍ତ ଶିକ୍ଷା ଅନୁଷ୍ଠାନ ବନ୍ଦ ଓ ସଭାସମିତିଠାରୁ ଦୂରେଇ ରହିବାକୁ କୁହାଯାଇଛି। ଏପରି କ୍ଷେତ୍ରରେ କୋରୁକୋଣ୍ଡା ସଦରରେ ପ୍ରତି ସୋମବାର ହେଉଥିବା ସାପ୍ତାହିକ ହାଟରେ ଭିଡଠାରୁ ଦୂରେଇ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅବଗତ କରାଯାଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ରାମେଶର ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ,ବିଡ଼ିଓ ଦାଶରଥି ସରାବୁଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ମାଲକାନଗିରି/କୋରୁକୋଣ୍ଡା, ୧୬।୩ (ଡି.ଏନ.ଏ)**

- ମୃତଦେହ ଛାଡି ଚାଲିଗଲେ ଶାଶୁଘର ଲୋକେ
- ସହଯୋଗ ପାଇଁ ଆଗେଇ ଆସିଲେ ୨ ମହିଳା



ମୃତଦେହକୁ ମହିଳାମାନେ ଆଣୁଛନ୍ତି ।



ଗିରଫ ଅଭିଯୁକ୍ତ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ଏମଭି-୧୦୪ ଗ୍ରାମରେ ସ୍ତ୍ରୀକୁ ହତ୍ୟା କରିବା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଖବରରୁ ଜଣାପଡିଛି ୨ ବର୍ଷ ତଳେ ଏମଭି-୧୦୪ ଗ୍ରାମର ନୈନିପାଲ କୀର୍ତ୍ତନିଆ ମାଲକାନଗିରି ଥାନା ଅନ୍ତର୍ଗତ ଏମଭି-୧୭ ଗ୍ରାମର ଜୟନ୍ତୀ କୀର୍ତ୍ତନିଆଙ୍କୁ ବିବାହ କରିଥିଲେ। କିଛି ଦିନ ପରେ ଜୟନ୍ତୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବିବାହର ବର୍ଷେ ପରେ ଜୟନ୍ତୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଏହା ପରେ ତାଙ୍କପ୍ରତି ନିର୍ଯାତନା ଆହୁରି ବଢିବାକୁ ଲାଗିଥିଲା। ୪ ମାସ ତଳେ ଘରେ କୌଣସି ବିଷୟକୁ ନେଇ କଥା କଟାକଟି ହେବାରୁ ସ୍ୱାମୀ ନୈନିପାଲ ଏକ ମାଛ କଟା ପନିକିରେ ଜୟନ୍ତୀଙ୍କ ଗୋଡକୁ ଆଘାତ ଦେଇ ତାଙ୍କୁ ଠେଲି ଦେବାରୁ ସେ ନିକଟରେ ଥିବା ଆମ୍ବ ଗଛରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଶାଶୁ ଘର ଲୋକେ ଜୟନ୍ତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କ ଭାଇ ବିଜୟ ତରପଦାରଙ୍କୁ ଖବର ଦେଇ ଜୟନ୍ତୀଙ୍କୁ ଡାକ୍ତରଖାନାରେ ଏକା ଛାଡିଦେଇ ଶାଶୁ ଘର ଲୋକେ ଚାଲି ଯାଇଥିଲେ। ସୁସ୍ଥ ହେବା ପରେ ବିଜୟ ଭଉଣୀକୁ ନେଇ ଶାଶୁ ଘରେ ଛାଡିଥିଲେ। ୧୫ ଦିନ ତଳେ ଜୟନ୍ତୀଙ୍କୁ ପୁଣି ନିର୍ଯାତନା ଦେବାରୁ ଜୟନ୍ତୀ ଗୁରୁତର ହୋଇପଡଥିଲେ। ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଖବର ପାଇ ଜୟନ୍ତୀଙ୍କ ଭାଇ ପହଞ୍ଚି ଜୟନ୍ତୀଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୪ରେ ମୃତ୍ୟୁବରଣ କରିଥିଲେ। ସେଠାରୁ ତାଙ୍କ ସ୍ୱାମୀ ଏବଂ ପରିବାର ବର୍ଗ ଜୟନ୍ତୀଙ୍କ ମୃତଦେହ ଧରି ଗ୍ରାମକୁ ନେଇଥିଲେ। ୧୫ରେ ମୃତଦେହ ଦାହ କରୁଥିବା ସମୟରେ ଜୟନ୍ତୀଙ୍କ ବଡଭାଇଙ୍କ ଅଭିଯୋଗକୁ ଭିତ୍ତି କରି ଓର୍କେଲ ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରି ଜୟନ୍ତୀଙ୍କ ସ୍ୱାମୀ ନୈନିପାଲଙ୍କୁ ଗିରଫ କରିଥିଲା। ମୃତଦେହ ବ୍ୟବଚ୍ଛେଦ ଲାଗି ମାଲକାନଗରି ପଠାଇଥିଲା। ଶନିବାର ରାତି ହୋଇଯିବାରୁ ଆଉ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ବ୍ୟବଚ୍ଛେଦ ସମୟରେ ଜୟନ୍ତୀଙ୍କ ଶାଶୁଘର ଲୋକେ ଉପସ୍ଥିତ ଥିଲେ। ମାତ୍ର ବ୍ୟବଚ୍ଛେଦ ପରେ ସେମାନେ ଆଉ ମୃତଦେହ ନେଇ ନ ଥିଲେ। ମାଲକାନଗିରି ଶ୍ମଶାନରେ କୌଣସି ଉପାୟ ନ ପାଇ ଭଉଣୀର ମୃତଦେହ ଧରି ବସିଥିବା ଜାଣି ମାଲକାନଗିରି ସହରର ଦୁଇଜଣ ସ୍ୱେଚ୍ଛାସେବୀ ମହିଳା ଗିତାଳି ମହାପାତ୍ର ଓ ସହଦେବୀ ମାଝି ସେଠାରେ ପହଞ୍ଚି ବିଜୟଙ୍କୁ ସହଯୋଗର ହାତ ବଢାଇଥିଲେ। ସମସ୍ତେ ଏକ ଗାତ ଖୋଳି ଜୟନ୍ତୀଙ୍କ ମୃତଦେହକୁ ପୋତି ଦେଇଥିଲେ। ଏ ସମ୍ପର୍କରେ ଓର୍କେଲ ଥାନା ଅଧିକାରୀ ଜଗଦୀଶ ବାରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଗିରଫ ହୋଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ଅପହରଣ ମାମଲା
## ଶିଶୁ ସୁଧାର ଗୃହକୁ ଗଲେ ଅଭିଯୁକ୍ତ ନାବାଳକ

**ଜୟପୁର,୧୬।୩(ଡି.ଏନ୍.ଏ.):** ଜୟପୁର ସଦରଥାନା ରଣ୍ଡାପାଲୀ ଗ୍ରାମଠାରେ ନାବାଳିକାଙ୍କୁ ଅପହରଣ ମାମଲାରେ ଜଣେ ଫେରାର ନାବାଳକଙ୍କୁ ପୋଲିସ ତିନି ମାସ ପରେ କାବୁ କରିବା ସହିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଜଷ୍ଟିସ ବୋର୍ଡ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ୧୭ ବର୍ଷୀୟ ନାବାଳକଙ୍କୁ ବ୍ରହ୍ମପୁର ଶିଶୁସୁଧାର ଗୃହକୁ ପଠାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ଡିସେମ୍ବର ୧୦ରେ ଅଭିଯୁକ୍ତ ନାବାଳକ ଜଣକ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନାବାଳିକା ଜଣଙ୍କୁ ଉଦ୍ଧାର କରାଯାଇଥିଲେ ସୁଦ୍ଧା ନାବାଳକ ସେହି ଦିନଠାରୁ ଫେରାର ଥିଲେ।

## ପଟ୍ଟା ପାଇଁ ପୌର କାର୍ଯ୍ୟାଳୟ ଘେରିଲେ ମହିଳା

**ଜୟପୁର,୧୬।୩(ନି.ପ୍ର.):** ପଟ୍ଟା ଦାବି ନେଇ ସୋମବାର ଜୟପୁର ପୌରପାଳିକା ଘେରାଉ କରିଛନ୍ତି ମହିଳା। ଜୟପୁର ପୌରାଞ୍ଚଳର ହାଟପଡ଼ା, ମଣିଗୁଡ଼ା, ବନ୍ଦଘାଟୁ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ଏହି ଘେରାଉ କରିଥିଲେ। ପଟ୍ଟା ପାଇଁ ସବୁଦିନ ଏଠି ହଟହଟା ହେବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ଧରି ପଟ୍ଟା ପାଇଁ ଦାବି କରି ଥକିଯାଇଥିଲେ ମଧ ପ୍ରଶାସନ ଏଥିପ୍ରତି କାନ ଦେଉ ନ ଥିବା ସେମାନେ କହିଛନ୍ତି। ସରକାର ଗରିବଙ୍କୁ ଘରଡିହ ପଟ୍ଟା ଦେବା ପାଇଁ ଘୋଷଣା କରିଥିବା ବେଳେ ବାସ୍ତବରେ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ କହିଛନ୍ତି, କରୋନା ପାଇଁ ବର୍ତ୍ତମାନ ପଟ୍ଟା ବଣ୍ଟନ ବନ୍ଦ କରାଯାଇଛି। ଖୁବ ଶୀଘ୍ର ସେମାନଙ୍କୁ ପଟ୍ଟା ଦିଆଯିବ।

## କରୋନା ମୁକାବିଲା ପାଇଁ ଜରୁରୀ ବୈଠକ ଡାକିଲେ ବିଡିଓ

**କୁନ୍ଦୁରା,୧୬।୩(ଡି.ଏନ୍.ଏ.):** କରୋନାକୁ ଦୃଷ୍ଟିରେ ରଖି କୁନ୍ଦୁରା ବିଡିଓ ସ୍ନେହପ୍ରଭା ମାଝି ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ଡାକିଛନ୍ତି। ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଥିବା ସରକାରୀ କର୍ମଚାରୀ ସଜାଗ ରହିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ୧୬ଟି ପଞ୍ଚାୟତ ସଦରରେ ଥିବା ବିଦ୍ୟାଳୟର ଗୋଟିଏ କୋଠରିକୁ ସଫେଇ କରି ରଖିବା ପାଇଁ ପିଇଓମାନଙ୍କୁ କୁହାଯାଇଛି। ସେଠାରେ କରୋନା ସନ୍ଦେହରେ ଥିବା ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯିବ। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ତ୍ରିପାଠୀ କହିଛନ୍ତି, କରୋନା ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ରକ୍ତନମୁନା ଭୁବନେଶ୍ୱର ପଠାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଆୟୁବ ମଣ୍ଡଳ, ସହକାରୀ ଯନ୍ତ୍ରୀ ଡି. ନାରାୟଣ ରାଓ ଉପସ୍ଥିତ ଥିଲେ।

# କରୋନା ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

**ମୁନିଗୁଡ଼ା,୧୬।୩(ଡି.ଏନ.ଏ)**

- ପ୍ରତି ପଞ୍ଚାୟତରେ ଖୋଲାଯିବ ଆଇସୋଲେଶନ ୱାର୍ଡ଼
- ବାହାରୁ ଆସିଥିବା ଲୋକଙ୍କୁ ଅବ୍‌ଜରଭେଶନରେ ରଖାଯିବ
- କରୋନା ନେଇ ଭୟଭୀତ ନ ହେବାକୁ ପରାମର୍ଶ

କରୋନାକୁ ନେଇ ସାରା ରାଜ୍ୟରେ ଆତଙ୍କ ଦେଖା ଦେଇଥିବା ବେଳେ ଏହାର ମୁକାବିଲା କରିବା ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡ଼ା ବ୍ଲକ ପ୍ରଶାସନ ତରଫରୁ ତତ୍ପରତା ଦେଖାଦେଇଛି । ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ କରୋନା ଭାଇରସକୁ କିପରି ରୋକାଯାଇ ପାରିବ ଓ ସାଧାରଣ ଲୋକଙ୍କୁ କିପରି ସଚେତନ କରାଯାଇପାରିବ, ସେନେଇ ବିଡ଼ିଓ ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆଲୋଚନା କରାଯାଇଛି । ସ୍ଥାନୀୟ ମାଜିଷ୍ଟ୍ରେଟ ଭାବରେ ଦାୟିତ୍ୱରେ ଥିବା ମୁନଗୁଡ଼ା ତହସିଲଦାର ଡଃ ଦେବାଶିଷ ଗୌଡ଼ କରୋନା ଭାଇରସ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଇସୋଲେଶନ ୱାର୍ଡ଼ ଖୋଲା ଯିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ମୁନିଗୁଡ଼ା ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜଗଦଲପୁର, କୁମୁଡ଼ାବାଲି, ଓ ଆମ୍ବାଦୋଳା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଆଇସୋଲେଶନ ୱାର୍ଡ଼ ଖୋଲାଯିବ । ୧୫ ଦିନ ମଧ୍ୟରେ ଅନ୍ୟ ରାଜ୍ୟରୁ ଆସିଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ୧୪ ଦିନ ପର୍ଯ୍ୟନ୍ତ ଅବଜରଭେଶନରେ ରଖାଯିବ । ଜିଲା ପ୍ରଶାସନ ୧୪୪ ଧାରା ଲାଗୁ କରିଥିବାରୁ କୌଣସି ସ୍ଥାନରେ ବିବାହ, ବ୍ରତ, ସଭା ସମିତିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ରୁଣ୍ଡ ନ ହେବା ପାଇଁ ନିବେଦନ କରାଯାଇଛି । ଏହାର ଖିଲାପକାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଜିଷ୍ଟ୍ରେଟ ପ୍ରକାଶ କରିଥିଲେ । ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ବ୍ଲକରେ ଥିବା ସମସ୍ତ ସ୍କୁଲ କଲେଜର ପାଠପଢ଼ା ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଘରୋଇ କୋଚିଂ ସେଣ୍ଟର ଓ ଟ୍ରେନିଂ ଅନୁଷ୍ଠାନଗୁଡ଼ିକ ମଧ୍ୟ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିୟ ପ୍ରକାଶ କରିଛନ୍ତି । କରୋନାକୁ ନେଇ ଭୟଭୀତ ନ ହୋଇ ଏହାର ମୁକାବିଲା ପାଇଁ ସଚେତନ ହେବାକୁ ବ୍ଲକ ପ୍ରଶାସନ ତରଫରୁ ନିବେଦନ କରାଯାଇଛି । ଏହି ବୈଠକକୁ ବ୍ଲକର କନିଷ୍ଠଯନ୍ତ୍ରୀ ଭ୍ରମରବର କିଶାନ ପରିଚାଳନାରେ ସହଯୋଗ କରିଥିଲେ ।



ଔଷଧ ଦୋକାନରେ ଚଢ଼ାଉ କରାଯାଉଛି।

## ରାୟଗଡ଼ାରେ ୧୪୪ ଧାରା ଜାରି

**ରାୟଗଡ଼ା ଅଫିସ ,୧୬।୩**

କରୋନା ମୁକାବିଲା ନେଇ ରାୟଗଡ଼ା ଜିଲା ପ୍ରଶାସନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛି । ଜିଲାରେ ୧୪୪ ଧାରା ଜାରି କରିଛନ୍ତି । ଏହି ଧାରା ଲାଗୁ ହେବା ପରେ କୌଣସି ସ୍ଥାନରେ ଶହେରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତକୁ ପ୍ରଶାସନ ନିଷିଦ୍ଧ କରିଛି। ଜିଲାରେ ସମସ୍ତ ସଭା ସମିତି, ଧାର୍ମୀକ ଏବଂ ସାମାଜିକ ଉତ୍ସବ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହ ଘରୋଇ ଶିକ୍ଷାନୁଷ୍ଠାନକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସହରରେ ଥିବା ସମସ୍ତ ମଲ, ଜିମ୍, ସୁଇମିଂ ପୁଲ , ୩ ପାର୍କ, ୪ ପ୍ରେକ୍ଷାଳୟ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି। ସୋମବାର ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ , ତହସିଲଦାର ଉମାଶଙ୍କର ବେହେରା ପ୍ରମୁଖ ସହରର ନ୍ୟୁ କଲୋନୀଠାରେ ଥିବା ଷ୍ଟାଇଲ ବଜାର , ରିଲାଏନ୍ସ ମାର୍ଟ, ଫ୍ଲି ହଲ ଆଦି ସ୍ଥାନ ବୁଲି ତଦାରଖ କରିଛନ୍ତି। ସେହିପରି ମାସ୍କ , ସାନିଟାଇଜର ରଖି କଳାବଜାର କରାଯାଉଥିବାରୁ ଏସ୍‌ଡ଼ିପିଓ ତପନ ନାରାୟଣ ରଥ ଓ ଉପଜିଲାପାଳ ସହରରେ ଥିବା ମେଡ଼ିସିନ ଦୋକାନଗୁଡ଼ିକରେ ଚଢ଼ାଉ କରିଛନ୍ତି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଦିନ କରୋନା ମୁକାବିଲା ନେଇ ସମୀକ୍ଷା ବୈଠକ କରାଯାଉଛି । ସର୍ବସାଧାରଣ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ମଙ୍ଗଳବାର ପଞ୍ଚାୟତସ୍ତରୀୟ, ବୁଧବାର ବ୍ଲକସ୍ତରୀୟ, ଗୁରୁବାର ଜିଲାସ୍ତରୀୟ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଆବଶ୍ୟକ ଔଷଧ, ମାସ୍କ , ଅତ୍ୟାବଶ୍ୟକ ଖାଦ୍ୟ, ଆଳୁ, ପିଆଜ, ଚୁଡ଼ା ଇତ୍ୟାଦିକୁ କଳାବଜାର କଲେ ନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏନେଇ ଏସ୍‌ପି, ଉପ ଜିଲାପାଳ ଓ ତହସିଲଦାରଙ୍କୁ ତଦାରଖ କରିବା ପାଇଁ ଜିଲାପାଳ କହିଛନ୍ତି ।

## କରୋନା ନେଇ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା

**ଗୁଣପୁର,୧୬।୩(ଡି.ଏନ.ଏ)**

### ହଷ୍ଟେଲରେ ଛାତ୍ରୀଛାତ୍ର ରହୁଥିବାରୁ ଉଦ୍‌ବେଗ



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

କରୋନା ମୁକାବିଲା ନେଇ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଶାସନ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଆଲୋଚନା ହୋଇଥିଲା । ବୈଠକରେ ହୋଟେଲ ଏବଂ ଲଜଗୁଡ଼ିକୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ୧ମରୁ ୯ମ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା, ବିଭିନ୍ନ ସ୍ଥାନରେ ହେଉଥିବା ଯାତ୍ରାକୁ ବନ୍ଦ କରାଯାଇଛି । କରୋନା ରୋଗୀଙ୍କ ପାଇଁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ସୁପରିଣ୍ଟେଣ୍ଡେଣ୍ଟ ଡ.ରମେଶ ସାହୁ କହିଛନ୍ତି । ତେବେ ବିଭିନ୍ନ ଆଶ୍ରମ ବିଦ୍ୟାଳୟ ହଷ୍ଟେଲଗୁଡ଼ିକରେ ଶତାଧିକ ଛାତ୍ରୀଛାତ୍ର ରହୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେମାନଙ୍କୁ ଘରକୁ ପଠାଇବା ନେଇ କାହିଁକି ପଦକ୍ଷେପ ନିଆଯାଉ ନାହିଁ ବୋଲି ଆଲୋଚନା ହୋଇଥିଲା । ଏନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ନ ଥିବାରୁ ପଦକ୍ଷେପ ନିଆଯାଇ ନାହିଁ ବୋଲି ଉପଜିଲାପାଳ କହିଥିଲେ । କରୋନାକୁ ନେଇ କେହି ଗୁଜବ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସଡିପିଓ ରାଜକିଶୋର ଦାସ ପ୍ରକାଶ କରିଛନ୍ତି । ଏହି ବୈଠକରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଉଦ୍ଧବ ପାଢୀ, ଜନ ସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସାଉଥ୍‌କୋର ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ରାଓ, ବିଡିଓ ଶାନ୍ତି ପ୍ରଭା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ସହକାରୀ ଜିଲାପାଳ ରିନା ପ୍ରଧାନ, ରାଜେନ୍ଦ୍ର ଚୌଧୁରୀ, ତହସିଲଦାର ଲକ୍ଷ୍ମୀନାରାୟଣ ସାବତ, ସିଡିପିଓ କିରନ ମୁର୍ମୁ, ଏବିଇଓ ନିରଞ୍ଜନ ଦଳେଇ ଓ ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ମେଡିକାଲ ଅଫିସର ଡ.ହିମାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି । ଏଥିରେ ଆଶାକର୍ମୀ, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀମାନେ ଯୋଗ ଦେଇଥିଲେ । ଆସନ୍ତା ୧୯ ତାରିଖରେ ସାମୂହିକ ହାତଧୁଆ ଦିବସ ପାଳନ କରିବା ସହ ୧୮ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୋପାଳକୃଷ୍ଣ ପଟ୍ଟନାୟକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ନିର୍ଦ୍ଦେଶାବଳୀକୁ ବୁଝାଇଥିଲେ ।

## ନାବାଳକଙ୍କ ଆତ୍ମହତ୍ୟା

**ଜୟପୁର,୧୬।୩(ଡି.ଏନ୍.ଏ.)**

ଜୟପୁର ସଦରଥାନା ଅନ୍ତାଗ୍ରାମରେ ଜଣେ ୧୬ ବର୍ଷୀୟ ନାବାଳକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମା' ଓ ବାପାଛେଉଣ୍ଡ ନାବାଳକ କମଳଲୋଚନ ପରଜା ନିଜ ବଡଭାଇ ଓ ଭାଉଜଙ୍କ ପାଖରେ ରହୁଥିଲେ। ସୋମବାର ପୂର୍ବାହ୍ନରେ ଉଭୟ ଭାଇ ଓ ଭାଉଜ ଜମି କାମ ପାଇଁ ବାହାରକୁ ଯାଇଥିଲେ। ସେହି ସମୟରେ ଏକା ଥିବା ନାବାଳକ ଜଣକ କୀଟନାଶକ ଔଷଧ ଖାଇଦେଇଥିଲେ। ଭାଇ ଓ ଭାଉଜ ଘରକୁ ଫେରିବା ପରେ କମଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ନେଇଥିଲ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଗାଗନାପୁର ଫାଣ୍ଡି ଅଧିକାରୀ କହିଛନ୍ତି।

## ୧୨ ଶିଶୁ ଶ୍ରମିକ ଉଦ୍ଧାର

**ରାୟଗଡ଼ା ଅଫିସ ,୧୬।୩**

ରାୟଗଡ଼ା ଚାଇଲ୍ଡ ଲାଇନ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ସୋମବାର ୧୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି । ରାୟଗଡ଼ା ଜିଲା କାଶୀପୁର, କଲ୍ୟାଣସିଂହପୁର, ରାୟଗଡ଼ା ବ୍ଲକର ୮ ନାବାଳକ ଓ ୪ ନାବାଳିକା ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାସ୍ଥିତ ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରିବାକୁ ଯାଉଥିଲେ । ନାବାଳକଙ୍କୁ ରାୟଗଡ଼ା ଚାଇଲ୍ଡ ଲାଇନ କେନ୍ଦ୍ରରେ ରଖାଯାଇଥିବାବେଳେ ନାବାଳିକାଙ୍କୁ ସ୍ନେହା ଷ୍ଟେ ହୋମକୁ ପଠାଯାଇଛି । ସେମାନଙ୍କୁ ଶିଶୁ କଲ୍ୟାଣ ସମିତିରେ କାଉନସେଲିଂ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଚାଇଲ୍ଡ ଲାଇନ କେନ୍ଦ୍ରର ସଂଯୋଜିକା କେ. ନିଲିମା ସୂଚନା ଦେଇଛନ୍ତି ।

## ଅବ୍ୟବସ୍ଥାରେ ରାୟଗଡ଼ା ଆମିଷ ବଜାର

### ନୂତନ ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ଦାବି

**ରାୟଗଡ଼ା ଅଫିସ,୧୬।୩**

ଅବ୍ୟବସ୍ଥା ମଧ୍ୟରେ ରାୟଗଡ଼ା ଆମିଷ ବଜାର। ଏଠାରେ ସବୁ ପ୍ରକାର ଆମିଷ ମିଳିଥାଏ । ଏହା ଉପରେ ସହରର ଜନସାଧାରଣ ଏବଂ ହୋଟେଲ୍‌ଗୁଡ଼ିକ ନିର୍ଭରଶୀଳ। ତେବେ ଏହି ବଜାରରେ ସଫାସୁତରା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏଠାରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବଜାରରେ ଜଳ ଯୋଗାଣ ଓ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ବିଶେଷକରି ବର୍ଷାଦିନେ ଦୁର୍ଗନ୍ଧ ଯୋଗୁ ବଜାର ରାସ୍ତାଦେଇ ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଅପରିଷ୍କାର ପରିବେଶରେ ଆମିଷ ବିକ୍ରି ଯୋଗୁ ବିଭିନ୍ନ ରୋଗ ସଂକ୍ରମଣ ହେବା ଆଶଙ୍କା ରହିଛି । ତେଣୁ ବଜାରକୁ ନିୟମିତ ସଫା କରିବାକୁ ଜନସାଧାରଣ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହୋଇଛି। ଏଠାରେ ଆମିଷ ବିକ୍ରି କରୁଥିବା ୨୫ ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ସ୍ୱାର୍ଥ ଓ ସର୍ବସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କସ୍ତୁରୀନଗରସ୍ଥିତ ମାର୍କେଟ କମ୍ପ୍ଲେକ୍ସ କିମ୍ବା ଶିବ ମନ୍ଦିର ଛକସ୍ଥିତ ନୂତନ ଆମିଷ ବଜାରକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏ ନେଇ ପୂର୍ବରୁ ପ୍ରସ୍ତାବ ରହିଥିଲେ ମଧ ବଜାର ସ୍ଥାନାନ୍ତର ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ଆମିଷ ବିକ୍ରି ହେଉଥିବା ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ଆଇନଜୀବୀ ଓ ବୁଦ୍ଧିଜୀବୀ ଯାତାୟାତ କରୁଛନ୍ତି। ହେଲେ ଏଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଛେଳି, କୁକୁଡ଼ା ଓ ମାଛ କାଟି ରକ୍ତାକ୍ତ ପରିବେଶ ସୃଷ୍ଟି କରିବା ଏକ ଖରାପ ପ୍ରଭାବ ପକାଉଛି। ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ , ଏନେଇ ଆମେ ଅବଗତ ଅଛୁ। ଆମିଷ ବ୍ୟବସାୟୀଙ୍କୁ ଏକତ୍ରିତ କରିଛୁ, ଶୀଘ୍ର ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯିବ।

## ଗୁରୁତର ୨ ଭଉଣୀ ମଧ୍ୟରୁ ଜଣେ ମୃତ

**ଟିକିରି,୧୬।୩**

### ଘରେ ନିଆଁ ଲାଗିବା ଘଟଣା

କାଶିପୁର ବ୍ଲକ୍ କୁଚେଇପଦର ଗ୍ରାମର ମିଟୁ ମାଝିଙ୍କ ଘରେ ନିଆଁ ଲାଗି ୨ ଝିଅ ଗୁରୁତର ହୋଇଥିବାବେଳେ ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁବି ମାଝି। ପ୍ରକାଶ ଯେ, ଗତ ରବିବାର ମିଟୁ ଡଙ୍ଗାସିଲି ହାଟକୁ ଯାଇଥିବାବେଳେ ସ୍ତ୍ରୀ ମଧ କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ୨ ଝିଅ ସୁବି ଓ କସନ୍ତି ଶୋଇଥିବାବେଳେ ପୁଅ ବାହାରେ ଖେଳୁଥିଲା। ଏହି ସମୟରେ କୌଣସି କାରଣରୁ କୁଡ଼ିଆରେ ନିଆଁ ଲାଗିଯାଇଥିଲା। ୨ଝିଅ ଘରୁ ବାହାରି ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ନିକଟସ୍ଥ ଅନ୍ୟ ଘରେ ରହୁଥିବା ଦାଦା ସୁବାଷ ମାଝି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଦୁଇ ଶିଶୁଙ୍କୁ ପ୍ରଥମେ ଓଷାପଡ଼ାସ୍ଥିତ ଉତ୍କଳ ଆଲୁମିନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁବିଙ୍କ ମୃତ୍ୟୁ ଘଟିଛି। ଏ ନେଇ ଦୋରାଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି କୃଷ୍ଣଚନ୍ଦ୍ର ଭାତ୍ର କହିଛନ୍ତି। ତେବେ ମିଟୁଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ମୁନିଗୁଡ଼ାରେ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା

**ମୁନିଗୁଡ଼ା,୧୬।୩ (ଡି.ଏନ୍.ଏ.)**



ମୁନିଗୁଡାରେ ଟ୍ରାଫିକ୍ ଜାମ୍।

- ବାଇପାସ୍ ରାସ୍ତା, ଅଣ୍ଡର୍ ଗ୍ରାଉଣ୍ଡ ରୋଡ୍ ଦାବି
- ବାରମ୍ବାର ଦାବି ପରେ ବି ମିଳୁନି ସୁଫଳ
- ପ୍ରଭାବିତ ହେଉଛି ବ୍ୟବସାୟ କ୍ଷେତ୍ର, ସମସ୍ୟାରେ ସହରବାସୀ

ରାୟଗଡ଼ା ଜିଲା ମୁନିଗୁଡ଼ା ସହରରେ ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା। ଜନସଂଖ୍ୟା ସାଙ୍ଗକୁ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାବେଳେ ସମସ୍ୟା ବଢ଼ିବାରେ ଲାଗିଛି। ସେହିପରି ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଛକସ୍ଥିତ ରେଳ ଫାଟକ ସମସ୍ୟାକୁ ଦ୍ୱିଗୁଣିତ କରିଛି। ତେଣୁ ରେଳ ଫାଟକ ନିକଟରେ ଏକ ଅଣ୍ଡର୍ ଗ୍ରାଉଣ୍ଡ ରୋଡ୍ ଏବଂ ସହର ବାହାରେ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଆସୁଛି। ଏହି ସହର ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଦିନ ତମାମ ମାଲ୍ ବୋଝେଇ ଗାଡ଼ି ସମେତ ଅନ୍ୟ ଯାନବାହନ ଯାତାୟାତ କରିଥାଏ। ହେଲେ ଏଠାରେଥିବା ରେଳ ଫାଟକ ଦିନରେ ୪୦ରୁ ୫୦ ଥର ପଡୁଥିବାରୁ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଲାଗିରହିଥିବା ଦେଖିବାକୁ ମିଳୁଛି। ସେହିପରି ଫାଟକ ଖୋଲିବା ପରେ ଗାଡ଼ିଗୁଡ଼ିକ ତରବରିଆଭାବେ ଫାଟକ ପାରି ହେଉଛନ୍ତି। ଏଣୁ ଅନେକ ସମୟରେ ଦୁର୍ଘଟଣା ଘଟିବା ସହ ଜୀବନ ହାନି ଘଟିବା ମଧ ନଜିର ରହିଛି। ଏହି ଟ୍ରାଫିକ୍ ସମସ୍ୟାର ସିଧାସଳଖ ପ୍ରଭାବ ବ୍ୟବସାୟ କ୍ଷେତ୍ରରେ ମଧ ପଡୁଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏଥିସହ ଆମ୍ବୁଲାନ୍ସ, ସ୍କୁଲ ଓ କଲେଜ୍ ବସ୍ ମଧ ଅଟକି ରହୁଛି। ଫଳରେ ରୋଗୀ ଠିକ୍ ସମୟରେ ମେଡିକାଲ୍‌ରେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଥିବାବେଳେ ଛାତ୍ରୀଛାତ୍ର ମଧ ସମସ୍ୟା ଭୋଗୁଛନ୍ତି। ତେଣୁ ନିକଟରେ ଏକ ଅଣ୍ଡର୍‌ଗ୍ରାଉଣ୍ଡ ରୋଡ୍ ଏବଂ ମାଲ୍ ବୋଝେଇ ଟ୍ରକ୍ ଯାତାୟାତ ପାଇଁ ବାଇପାସ୍ ରାସ୍ତା ଜରୁରୀ। ଅଣ୍ଡର୍‌ଗ୍ରାଉଣ୍ଡ ରୋଡ୍ ପାଇଁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି ହୋଇଥିଲେ ସୁଦ୍ଧା ଏଯାବତ୍ ସୁଫଳ ମିଳି ନ ଥିବା ମୁନିଗୁଡ଼ା ବିକାଶ ପରିଷଦର ସଭାପତି ମହମ୍ମଦ ଆୟୁବ, ସମ୍ପାଦକ ସୁଧାକର ମହାରଣା, ବ୍ୟବସାୟୀ ବଳରାମ ନାୟକ, ରାଜେଶ ଜୈନ, ବାଲାଜୀ ପାତ୍ର, ଶ୍ରୀକାନ୍ତ ସାହୁ, ଦେବରାଜ ବେହେରା, ରାମପ୍ରସାଦ ରାଓ, ଶ୍ରୀନିବାସ କୁମାର, ରାଜା ରାମଗୋପାଲ୍‌ଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୁନିଗଡ଼ା ସହର ଦେଇ ଯାଇଥିବା ଏହି ରାସ୍ତା ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, ଛତିଶଗଡ଼ର ରାୟପୁର ଓ କନ୍ଧମାଳ ଜିଲାକୁ ସଂଯୋଗ କରୁଥିବାରୁ ଦୈନିକ ଶତାଧିକ ଯାନବାହନ ଯାତାୟାତ କରୁଛି। ଏଥିସହ ପ୍ରତ୍ୟେକ ଦିନ ରାୟଗଡ଼ା, ଗଜପତି, କନ୍ଧମାଳ, କଳାହାଣ୍ଡି, ରାଜଧାନୀ ଭୁବନେଶ୍ୱର ସମେତ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ବସ୍ ଚଳାଚଳ କରୁଛି। ଅନେକ ସମୟରେ ବସଷ୍ଟାଣ୍ଡରୁ ରେଳ ଷ୍ଟେଶନକୁ ହେଉ କି ରେଳ ଷ୍ଟେଶନରୁ ବସଷ୍ଟାଣ୍ଡକୁ ଅଟୋ ଏବଂ ରିକ୍ସା ଯୋଗେ ଯିବା ସମୟରେ ଟ୍ରାଫିକ୍ ସମସ୍ୟା ଯୋଗୁ ଯାତ୍ରୀ ଦୀର୍ଘ ସମୟ ଧରି ଜାମ୍‌ରେ ଫସି ରହୁଛନ୍ତି। ଏହାଦ୍ୱାରା ଟ୍ରେନ୍ ଏବଂ ବସ୍ ଚାଲିଯାଉଥିବା ଅଟୋଚାଳକ ଶେଖ୍ ହବିବ୍, ବୁଦ୍ଧୁ ଶବର, ଦୁର୍ଯ୍ୟୋଧନ ବେହେରା, ମୁନା କୁମାର, ତରୁଣ ମାଝି ପ୍ରକାଶ କରିଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମୁନିଗୁଡ଼ା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ପୋଲିସ ନିୟୋଜିତ କରାଯିବା ସହ ନୋ ଏଣ୍ଟ୍ରି ଜୋନ୍ ମଧ କରାଯାଇଛି। କିନ୍ତୁ ନୋ ଏଣ୍ଟ୍ରି ପରେ ମାଲ୍ ବୋଝେଇ ଟ୍ରକ୍‌ଗୁଡ଼ିକ ଦ୍ରୁତଗତିରେ ଆସୁଥିବା ଲକ୍ଷ୍ୟ କରାଯାଉଛି। ଏହି ସମୟରେ ସେଠାରେ ପୋଲିସ ରହୁ ନ ଥିବା ଯୋଗୁ ସମସ୍ୟା ବଢୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଶୀଘ୍ର ଅଣ୍ଡର୍ ଗ୍ରାଉଣ୍ଡ ରୋଡ୍ ଏବଂ ସହର ବାହାରେ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବା ପାଇଁ ମୁନିଗୁଡ଼ା ବିକାଶ ପରିଷଦ, ଯୁବ ବିକାଶ ପରିଷଦ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ୍, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ମୁନିଗୁଡ଼ା କ୍ରିକେଟ ସଂଘ ସମେତ ସହରବାସୀ ଦାବି କରିଛନ୍ତି।

## କରୋନା ସଚେତନତା ବୈଠକ




ବୈଠକରେ କରୋନା ନେଇ ସଚେତନତା କରାଯାଉଛି ।

**କୋଲନରା, ୧୬।୩ (ଡି.ଏନ୍.ଏ.)**

ଭୟ କରିବାର କିଛି ନାହିଁ, ବରଂ ଆମେ ପରସ୍ପର ସତର୍କତା ଅବଲମ୍ବନ କରିବା । ପରିଷ୍କାର ପରିଚ୍ଛନ୍ନ ରହିବା । ହାତ, ଆଖି, କାନ, ନାକ ଛୁଇଁବା ନାହିଁ। ହାତ ବାରମ୍ବାର ସାବୁନ୍ କିମ୍ବା ହ୍ୟାଣ୍ଡୱାଶ୍‌ରେ ଭଲଭାବେ ସଫା କରିବା। ଗୋଟିଏ ସ୍ଥାନରେ ଜମା ହେବା ନାହିଁ ଓ ବାହାରକୁ ଯାଇଥିବା ଲୋକ ଆସିଲେ ସେମାନଙ୍କଠାରୁ ୧ ମିଟର ଦୂରତାରେ ରହିବା । କାଶ, ଥଣ୍ଡା, ତଣ୍ଟି ଦରଜ ବା ନିଃଶ୍ୱାସ ନେବାରେ ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ ବିଡ଼ିଓ ତାପସ ଭୋଇ । ସୋମବାର କୋଲନରା ପଞ୍ଚାୟତ ସମିତି ସଦ୍‌ଭାବନା ହଲ୍‌ରେ କରୋନା ଭାଇରସକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋଲନରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏବିଡିଓ କେ. ଶିବ ଗୋପାଳ ରାଓ, ଉପାଧ୍ୟକ୍ଷ ତେଜରାଜ ନାଗ, ଜିଲା ପରିଷଦ ସଭ୍ୟ ଆଶୁତୋଷ କିଲାକା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଜି. ଶୈଳଜା, ସିଡିପିଓ ଜି. ଗିରିଜା, ବିଇଓ ଏମ୍. ଖଗେଶ୍ୱର ରାଓ, ତହସିଲଦାର ମାନସୀ ନାୟକ, ବିଏସ୍ଏସ୍ଓ କୁମାର ପାଣିଗ୍ରାହୀ, ଡବ୍ଲୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ, ଜିପିଇଓ ରମେଶ ଚନ୍ଦ୍ର ଯୋଶୀ ମଞ୍ଚାସୀନ ଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ କଳ୍ପନା ମିଶ୍ର ଏବଂ ପିଏଚ୍‌ଇଓ ଶୁଭଶ୍ରୀ ଦାସ, ହାତ ଧୋଇବା ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ। ପଞ୍ଚାୟତରେ ୧୭ଟି ଆଇସୋଲେସନ ସେଣ୍ଟର ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ମାର୍ଚ୍ଚ ୧୭, ୨୦୨୦



## ସଂକ୍ଷେପରେ

### କରୋନା ମୁକାବିଲା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶନାମା ଜାରି

ନବରଙ୍ଗପୁର,୧୬।୩(ବି.ପ୍ର.)- କରୋନା ମୁକାବିଲା ପାଇଁ ଜିଲାପାଳ ଅଜିତ କୁମାର ମିଶ୍ର ଧାରା ୧୪୪ (୨) ଅନୁଯାୟୀ ଆଦେଶନାମା ଜାରି କରିଛନ୍ତି। ଏଥିରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଲେଖ କରିଛନ୍ତି ଯେ, ନବରଙ୍ଗପୁର ଜିଲା ପରିସରରେ ଘର ବ୍ୟତୀତ ୫ ଜଣ ବ୍ୟକ୍ତି ଅନ୍ୟ କୌଣସି ସ୍ଥାନରେ ଏକତ୍ରିତ ରହିପାରିବେ ନାହିଁ। ସମ୍ମିଳନୀରେ ଜନସମାଗମକୁ ବାରଣ କରାଯିବା ସହ ଏହି କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ ଆଦେଶ ଦେଇଛନ୍ତି। ଧାର୍ମିକ ଉତ୍ସବ,ବାହାଘର ଭୋଜି ଭଳି ସାମାଜିକ ଜନସମାଗମକୁ ବାରଣ କରାଯାଇଛି। ବରଯାତ୍ରୀ,ଅପେରା ଆଦି କାର୍ଯ୍ୟକ୍ରମ କରିପାରିବେ ନାହିଁ। ରାଜନୈତିକ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ହୋଇପାରିବ ନାହିଁ। ନିୟମିତ ଭାବରେ ବାହାରୁ ଆସି ହୋଟେଲରେ ରହୁଥିବା ଲୋକମାନଙ୍କୁ ସତର୍କତା ସ୍ୱରୂପ ସମସ୍ତ କୋଭିଡ ୧୯ ନିୟମର ପାଳନ କରାଯିବାକୁ ବାଧ କରାଯାଇଛି। ଥଣ୍ଡା, କାଶ ଜ୍ୱର ଓ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ହେଲପ୍ ଲାଇନ ନଂ ୦୬୮୫୮ ୨୨୨୪୫୯,ମୋବାଇଲ ନଂ ୯୪୩୯୯୮୮୭୮୭,୯୪୩୯୯୮୮୪୬୮କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ,ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ସମସ୍ତ ଥାନା ଅଧିକାରୀମାନଙ୍କୁ ଜନସମାଗମ ଉପରେ କଡା ନଜର ରଖିବା ପାଇଁ ଦିର୍ଦ୍ଦେଶ ରହିଛି। ଗୁଜବ ଖବର, ସୋସିଆଲ ମିଡିଆରେ ଅପପ୍ରଚାରକାରୀଙ୍କ ପ୍ରତି କଡା ପଦକ୍ଷେପ ଗ୍ରହଣ କରାଯିବ। ଏହି ଆଦେଶ ନାମା ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳ ସୋମବାର ମିସ୍ କେସ ନଂ. ୧/୨୦ ଅନୁଯାୟୀ ନିର୍ଦ୍ଦେଶ ନାମା ଜାରି କରିଛନ୍ତି।

### ଅନ୍ୱେଷା ବାଳକ ହଷ୍ଟେଲର ରୋଷେୟାଙ୍କ ଆତ୍ମହତ୍ୟା

ନବରଙ୍ଗପୁର,୧୬।୩( ବି.ପ୍ର.)- ନବରଙ୍ଗପୁର ଟିର୍ଲି ଆମ୍ବଗୁଡା ନିକଟରେ ଥିବା ଅନ୍ୱେଷା ହଷ୍ଟେଲରେ କାର୍ଯ୍ୟରତ ରୋଷେୟା ଗୁରୁବାରି ଗଣ୍ଡ ନିକଟସ୍ଥ ଏକ କାଜୁ ବଗିଚା ଗଛରେ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ମୃତଦେହ ଉଦ୍ଧାର କରି ମର୍ଚ୍ଚରୀରେ ରଖା ଯାଇଛି । ଖବର ପାଇଁ ପରିବାର ଲୋକ ଅପରାହ୍ନରେ ପହଞ୍ଚିଥିଲେ । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ । ଗୁରୁବାରୀଙ୍କ ଘର ରାଇଘର ଥାନା ଅଧିନ ଡଙ୍ଗରିପାରା ବୋଲି ଜଣାପଡିଛି । ଗୁରୁବାରି ବାଳକ ନିବାସରେ ରୋଷେୟା ଭାବେ କାର୍ଯ୍ୟ କରି ଆସୁଥିଲେ । ସକାଳୁ ରୋଷେଇ ସମୟ ହୋଇ ଥିଲେ ମଧ ସେ ଆସି ନ ଥିଲେ । ୱାର୍ଡେନମାନେ ଗୁରୁବାରୀଙ୍କ ମୋବାଇଲ ନମ୍ବରକୁ କଲ କରିଥିଲେ ରିଙ୍ଗ ହୋଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ନିକଟସ୍ଥ ଦୋକାନକୁ ଯାଇଥିବେ ଭାବି ଅନୁସନ୍ଧାନ କରିଥିଲେ । ପରେ କାଜୁ ବଗିଚା ରାସ୍ତା ଦେଇ ଯାଉଥିବା ଜଣେ ବ୍ୟକ୍ତି କାଜୁ ବଗିଚାର ଏକ ଗଛରେ ଜଣେ ଯୁବତୀ ଝୁଲନ୍ତା ଅବସ୍ଥାରେ ଥିବା କହିଥିଲେ। ୱାର୍ଡେନମାନେ ପହଞ୍ଚି ଜାଣିବାକୁ ପାଇଥିଲେ ଗୁରୁବାରୀ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଛି । ତେବେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ପୋଲିସ ତଦନ୍ତ କରୁଛି । ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଶଶାଙ୍କ ଶେଖର ତ୍ରିପାଠୀ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି।

### ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ : ଗ୍ରୀନ ଦଳ ବିଜୟୀ

ନବରଙ୍ଗପୁର,୧୬।୩(ବି.ପ୍ର.) - ନବରଙ୍ଗପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଆନ୍ତଃ ଜିଲା ଲିଗ କ୍ଲବ ଟୁର୍ନାମେଣ୍ଟରେ ରେଡ ଦଳ ପ୍ରଥମେ ବ୍ୟାଟିଂ କରି ୨୭. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ ହାସଲ କରିଥିଲା । ଏହାର ଜବାବରେ ଗ୍ରୀନ ଦଳ ୨୧.୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ରେଡ ଦଳ ପକ୍ଷରୁ ସୁଦୀପ କୁମାର ଢାଲି ୬ ଓଭରରେ ମାତ୍ର ୧୬ ରନ ଦେଇ ୪ଟି ଉଇକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଓଡିଶା କ୍ରିକେଟ ସଂଘର କର୍ମକର୍ତ୍ତା ସୁଶୀଲ କୁମାର ସୁନ୍ଦରାଇ ଉପସ୍ଥିତ ରହି ଅନଲାଇନ ସ୍କୋରିଂ କରିଥିଲେ । ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ପ୍ରାକ୍ତନ କ୍ରିକେଟ ଖେଳାଳି ରମେଶ ସାମନ୍ତରାୟ, ସବୀର ବେଗ, ଅଶୋକ ନାୟକ, ଓ ଲାଲ ମହମ୍ମଦ ଚୟନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଶଶାଙ୍କ ଶେଖର ବେହେରା, ରମେଶ ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ପାରଳାଖେମୁଣ୍ଡି,୧୬।୩ (ସ୍ୱ.ପ୍ର.)

**କରୋନା ମୁକାବିଲା ପାଇଁ ପ୍ରଶାସନର ପଦକ୍ଷେପ**

- ପର୍ଯ୍ୟଟକଙ୍କ ପାଇଁ ବୌଦ୍ଧ ମହାବିହାର, ଗଣ୍ଡାହାଟୀ ଜଳ ପ୍ରପାତ ବନ୍ଦ
- ବିଦେଶ ଫେରନ୍ତା ୧୧ଜଣ ସ୍ଥାନୀୟ ବାସିନ୍ଦାଙ୍କୁ ନିରୀକ୍ଷଣରେ ରଖାଯାଇଛି
- ଜନଗହଳି ସ୍ଥାନରେ ହୋର୍ଡିଂ ଲଗାଇବ ସୂଚନା ଓ ଲୋକ ସମ୍ପର୍କ ବିଭାଗ



କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଜିଲାପାଳ ଅନୁପମ ଶାହା ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି।

ସରକାରୀ ନିୟମ ମୁତାବକ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡି କେନ୍ଦ୍ରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏହାଛଡ଼ା ଟ୍ୟୁସନ ଓ କୋଚିଂ ସେଣ୍ଟରଗୁଡିକୁ ମଧ ବନ୍ଦ ରଖାଯାଇଛି ବୋଲି ଜିଲାପାଳ କହିଥିଲେ। ଏଥିସହ ବିଭିନ୍ନ ସଭା, ଜନସମାବେଶ ଓ ମେଳାକୁ ବନ୍ଦ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ଏବଂ ଧାର୍ମିକ ଉତ୍ସବ ପ୍ରତି ବିଶେଷ ଧାନ ଦେବା ସହ ଲୋକଙ୍କ ଭିଡକୁ କିପରି ନିୟନ୍ତ୍ରଣ କରାଯିବ, ସେ ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସିନେମାହଲ୍, ସୁଇମିଂପୁଲ୍ ଏବଂ ଜିମ୍‌କୁ ବନ୍ଦ ରଖାଯାଇଛି। ଜିଲାର ମୁଖ୍ୟ ପର୍ଯ୍ୟଟନ ସ୍ଥଳ ଚନ୍ଦ୍ରଗିରିର ବୌଦ୍ଧ ମହାବିହାର ଓ ଗଣ୍ଡାହାଟୀ ଜଳପ୍ରପାତକୁ ପର୍ଯ୍ୟଟକଙ୍କ ପାଇଁ ରୋକ ଲଗାଯାଇଛି। ଜିଲାରେ ହେଉଥିବା ସାପ୍ତାହିକ ଜନଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ମୋହନା ଓ ଗୋଷାଣୀ ବ୍ଲକ ଅଞ୍ଚଳର ବିଦେଶରୁ ଫେରିଥିବା ୧୧ଜଣ ସ୍ଥାନୀୟ ବାସିନ୍ଦାଙ୍କୁ ନିରୀକ୍ଷଣରେ ରଖାଯାଇଛି। ଗ୍ରାମାଞ୍ଚଳରେ ପଞ୍ଚାୟତ ସମିତି ଏବଂ ଜିଲାପରିଷଦ ସଭ୍ୟମାନେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିବେ। ମିଶନ ଶକ୍ତି ପକ୍ଷରୁ ଛୋଟ ଛୋଟ ସଭା କରାଯାଇ ଏସ୍‌ଏଚ୍‌ଜି ମହିଳାଙ୍କୁ ସଚେତନ କରାଯିବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ଜନଗହଳି ସ୍ଥାନରେ ହୋର୍ଡିଂ ଲଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ କହିଛନ୍ତି। କରୋନା ସନ୍ଦିଗ୍ଧଙ୍କୁ ନୀରିକ୍ଷଣରେ ରଖିବାକୁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ବିଲ୍ଡିଂ ସଂରକ୍ଷିତ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାଇରସ ସମ୍ପର୍କରେ ଭୁଲ ସୂଚନା ପ୍ରଚାର ଏବଂ ଦାୟିତ୍ୱହୀନ ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ସରକାରୀ କର୍ମଚାରୀମାନଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି, ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଯୋଗାଣ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ନେଇ ୮ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ ଉପରୋକ୍ତ ସମସ୍ତ କାର୍ଯ୍ୟ ତଦାରଖ କରିବା ସହ ଜିଲାରେ ସାନିଟାଇଜର ଓ ମାସ୍କ ଯେଉଁଭଳି ଚଢାଦରରେ ବିକ୍ରି ନ ହେବ, ତାହା ଉପରେ ନଜର ରଖିବେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ଦ ହେଲା ଶପିଂ ମଲ୍

ପାରଳାଖେମୁଣ୍ଡି, ୧୬।୩(ସ୍ୱ.ପ୍ର.)



ବନ୍ଦ ପଡିଥିବା ସହରର ବାରାଟାମ୍ ଶପିଂ ମଲ୍ ।

କରୋନାକୁ ନଜରରେ ରଖି ପାରଳାଖେମୁଣ୍ଡି ସହରରେଥିବା ବଡ ବଡ ଶପିଂମଲ୍‌ଗୁଡିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଆବଶ୍ୟକସ୍ଥଳେ ଏହାର ଅବଧି ଆହୁରି ବଢିବ ବୋଲି ସୂଚନା ମିଳିଛି। ଫଳରେ ବାରାଟାମ ଶପିଂ ମଲ୍, ସୁରିଆ ଜୁଏଲାରି, ଅମ୍ବିକା ମେଗା ମାର୍ଟ ସହ ସହରର ପ୍ରମୁଖ ୬ଟି ଶପିଂ ମଲ୍ ବନ୍ଦ କରାଯାଇଛି। ଆଗକୁ ଦରକାର ପଡିଲେ ସହରର ଯେଉଁ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନରେ ଗ୍ରାହକଙ୍କର ଭିଡ ଜମୁଛି ସେଗୁଡିକୁ ମଧ ବନ୍ଦ କରାଯିବ ବୋଲି ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୋମବାର ଶପିଂ ମଲ୍‌ଗୁଡିକ ବନ୍ଦ କରିବା ସମୟରେ ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତଥିଲେ।

## ଆନ୍ଧ୍ର ଗଲେ ଗଜପତିରେ ବୁଲୁଥିବା ବିଦେଶୀ ପର୍ଯ୍ୟଟକ

ପାରଳାଖେମୁଣ୍ଡି, ୧୬।୩ (ସ୍ୱ.ପ୍ର.)


ବିଦେଶୀ ପର୍ଯ୍ୟଟକ।

ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧୀନ ଗୁମ୍ମା ବ୍ଲକର କେକେସିଂ ଗ୍ରାମରେ ରବିବାର ବୁଲୁଥିବା ଦୁଇଜଣ ବିଦେଶୀ ନାଗରିକ ଏବେ ଆନ୍ଧ୍ରର ଏକ ଘରୋଇ ହୋଟେଲରେ ରହୁଥିବା ସୂଚନା ମିଳିଛି। ସେମାନେ ହେଲେ ଆମେରିକାର ନ୍ୟୁୟର୍କ ସହରର ରୋବୋର୍ଟ ଯୋଜେଜ୍କ(୫୫) ଓ ମାଇକେଲ ୱାରଏଏନ୍(୫୪)।

ପ୍ରକାଶ ଯେ, ବିଦେଶୀ ପର୍ଯ୍ୟଟକ ଦୁଇଜଣ କେକେସିଂ ଗ୍ରାମରେ ବୁଲୁଥିବା ନେଇ ଜିଲା ପ୍ରଶାସନ ଖବର ପାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ବିଦେଶୀ ନାଗରିକ ଦ୍ୱୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ସମୟରେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ଓ ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ। ରବିବାର ରାତିରେ ଉଭୟ ସେମାନଙ୍କ ଗାଇଡ୍ ସହାୟତାରେ ଆନ୍ଧ୍ରର ଶ୍ରୀକାକୁଲମ ଜିଲାକୁ ଯାଇଛନ୍ତି। ସେଠାରେ ଏକ ଘରୋଇ ହୋଟେଲରେ ରହିଥିବା ନେଇ ଗଜପତି ଜିଲା ପ୍ରଶାସନ ଶ୍ରୀକାକୁଲମ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି। ଆନ୍ଧ୍ର ପୋଲିସକୁ ଏ ନେଇ ସୂଚନା ଦିଆଯାଇଛି ବୋଲି ପାରଳାଖେମୁଣ୍ଡି ଥାନାଧିକାରୀ କହିଛନ୍ତି। ଆନ୍ଧ୍ର ପୋଲିସ ସେମାନଙ୍କ ଉପରେ ନଜର ରଖିବ ବୋଲି ସୂଚନା ମିଳିଛି।

## କରୋନା ପାଇଁ ବିଦ୍ୟାଳୟ ବନ୍ଦ, ହଷ୍ଟେଲ ଖୋଲା

ଡାବୁଗାଁ, ୧୬।୩ (ଡି.ଏନ.ଏ.)

କାରୋନା ଭାଇରସ ସଂକ୍ରମଣରୁ ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ରାଜ୍ୟ ବିପତ୍ତି ଘୋଷଣା କରିଛନ୍ତି। ଏଥିସହ ଓଡିଶାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ପାର୍କ, ସିନେମା ହଲ, ଜନସମାଗମ ଗୁଡିକ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ । ତେବେ ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକରେ ବିଦ୍ୟାଳୟ ବନ୍ଦ ରହିଥିଲେ ମଧ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସ ଓ ଛାତ୍ରାବାସଗୁଡିକ ଚାଲୁ ରହିଛି । ଯେଉଁଥିରେ କି ୨୦୦ ରୁ ୬୦୦ ପର୍ଯ୍ୟନ୍ତ ପିଲା ରହୁଛନ୍ତି । ଗୋଟିଏ ପ୍ରକୋଷ୍ଠରେ ୧୦ରୁ ୪୦ ଜଣ ପିଲା ମିଳିତ ଭାବେ ରହୁଛନ୍ତି । ଯେତେ ସଚେତନ ହେଲେ ମଧ କରୋନା ଭାଇରସ ବ୍ୟାପିବାର ଆଶଙ୍କା ରହିଛି। ଡାବୁଗାଁ ବ୍ଲକରେ ପ୍ରାୟ ୧୪ ଟି ହଷ୍ଟେଲ ରହିଛି । ଏହି ହଷ୍ଟେଲ ଗୁଡିକରେ ମୋଟ ୨୮୨୩ ପିଲା ମିଳିତ ଭାବେ ରହୁଛନ୍ତି ।। ଏହା ସରକାରଙ୍କ ନୀତିକୁ ବିରୋଧ କରୁଥିବା ସାଧାରଣରେ ମତ ପ୍ରକାଶ ପାଉଛି । ବିଦ୍ୟାଳୟ ଗୁଡିକରେ ପରୀକ୍ଷା ସରିବା ପରେ ହଷ୍ଟେଲ ଗୁଡିକୁ ବନ୍ଦ କରାଯିବାକୁ ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଙ୍କ ପତ୍ରସଂଖ୍ୟା ୫୯୬୬ ତା ୧୬।୩।୨୦ ଅନୁସାରେ ୧ ଶ୍ରେଣୀରୁ ୯ ମ ଶ୍ରେଣୀ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷା ଗୁଡିକ ଘୁଞ୍ଚାଇ ଦିଆଯାଇଛି। ତେଣୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ଗୁଡିକୁ ମଧ ମାର୍ଚ୍ଚ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

## ମାସେ ନ ପୂରୁଣୁ ଦବିଲା ରାସ୍ତା


ଦବିଯାଇଥିବା ରାସ୍ତା ।

**ନିମ୍ନମାନର କାମ ଅଭିଯୋଗ**

କାଶୀନଗର,୧୬।୩(ଡି.ଏନ୍.ଏ.): ଗଜପତି ଜିଲା କାଶୀନଗର ବ୍ଲକ୍ ନାବାଡ଼ାଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ୫୮ କିମି ରାସ୍ତା(ଏନ୍‌ଏଚ୍-୪)ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଛି। ଏଥିପାଇଁ ୧୧କୋଟି ୮୧ଲକ୍ଷ ଟଙ୍କା ମଞ୍ଜୁରି ହୋଇଥିବା ଜଣାପଡ଼ିଛି। ତେବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି। କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଉ ମାତ୍ର କିଛି କିଲୋମିଟର ରାସ୍ତା କାମ ବାକି ରହିଛି। ହେଲେ ନିମ୍ନମାନର କାମ ଯୋଗୁ ରାସ୍ତାର ଅନେକ ସ୍ଥାନରେ ଦବିଯାଇଥିବା ନଜରକୁ ଆସିଛି। ରାଜିପୁର ଗ୍ରାମ ନିକଟରେ ନୂତନ ରାସ୍ତା ଦବି ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଠିକ୍‌ଭାବେ କାମ ହୋଇ ନ ଥିବାରୁ ରାସ୍ତାର ଅବସ୍ଥା ଏପରି ହୋଇଛି ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏଥିସହ ରାସ୍ତା କାମର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବାବେଳେ ସେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଫୋନ୍ ଯୋଗେ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଫୋନ୍‌ରେ କହିହେବ ନାହିଁ, କାର୍ଯ୍ୟାଳୟକୁ ଗଲେ ସୂଚନା ଦେବି। ତେବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି, ଦବିଯାଇଥିବା ରାସ୍ତାକୁ ପୁଣି ମରାମତି କରାଯିବ।

## ସ୍କୁଲ,ଅଙ୍ଗନୱାଡିରେ କରୋନା ସଚେତନତା

ଗୋଷାଣୀ, ୧୬।୩(ଡି.ଏନ୍.ଏ.)


ଜଙ୍ଗଲପାଡୁ ସ୍କୁଲରେ ପିଲାମାନଙ୍କୁ କରୋନା ସମ୍ବନ୍ଧରେ ସଚେତନ କରାଯାଉଛି।

ଗୋଷାଣୀ ବ୍ଲକ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ 'କୋଭିଡ୍-୧୯' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱାସ୍ଥ୍ୟକର୍ମୀମାନେ ଗୋଷାଣୀ ବ୍ଲକର ସମସ୍ତ ପଞ୍ଚାୟତ, ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲକୁ ଯାଇ କରୋନା ଭାଇରସ୍ ସମ୍ପର୍କରେ ସଚେତନ କରିଥିଲେ। ବାରମ୍ବାର ମୁହଁରେ ହାତ ନ ମାରିବା, ଦିନକୁ ପ୍ରାୟ ୪ରୁ ୫ଥର ହାତ ଭଲଭାବେ ସାବୁନରେ ଧୋଇବା, ଛିଙ୍କ, କାଶ ଓ ଥଣ୍ଡା ଆଦି ହେଲେ ମୁହଁକୁ କପଡା କିମ୍ବା ମାସ୍କରେ ଢାଙ୍କିବା, ଜନଗହଳି ସ୍ଥାନକୁ ନ ଯିବା ଆଦି ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀ ଉମାଶଙ୍କର ମହାନ୍ତି ଓ ଏନ୍.ଜୟଲକ୍ଷ୍ମୀ କହିଥିଲେ। କୌଣସି ରୋଗୀଙ୍କଠାରେ କରୋନା ପଜିଟିଭ ଆସିଲେ ତାଙ୍କ ବାସନ, ଶେଯ ଆଦିକୁ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଛଡ଼ା ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟକର୍ମୀମାନେ କହିଛନ୍ତି।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମା', ବାପା

ନବରଙ୍ଗପୁର,୧୬।୩(ବି.ପ୍ର.)

**ଶିଶୁପୁତ୍ର ଅଦଳବଦଳ ଘଟଣା**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଶିଶୁପୁତ୍ର ଅଦଳବଦଳ ହୋଇଥିବା ଅଭିଯୋଗର ତଦନ୍ତ ଠିକ ଭାବେ ହେଉ ନାହିଁ। ଥାନାରେ ଅଭିଯୋଗ ପରେ ମଧ ପୋଲିସ ମାମଲା ରୁଜୁ କରୁ ନାହିଁ ବୋଲି ଝରିଗାଁ ବ୍ଲକ

ଟାଲିଆମ୍ବା (ଖ) ଗାଁର ସୀମାଞ୍ଚଳ ସାହୁ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାହୁ ଜିଲାପାଳଙ୍କୁ ଭେଟି ସୋମବାର ଅଭିଯୋଗ କରିଛନ୍ତି। ସସ୍ମିତାଙ୍କ ୨୭ ତାରିଖରେ ଅସ୍ତ୍ରୋପଚାର ପରେ ଶିଶୁ ପତ୍ର ଜନ୍ମ ହୋଇଥିଲା । ଏହାକୁ ଅଦଳ ବଦଳ କରାଯାଇ ମୃତ ଶିଶୁ ପୁତ୍ର ଦିଆଯାଇଥିବା ନେଇ ସିମାଞ୍ଚଳ ସୋମବାର ସନ୍ଧ୍ୟାରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖରେ ସିଡିଏମଓ ସନ୍ତୋଷ ସ୍ୱାଇଁ ଏକ ଟିମ ଗଠନ କରି ଘଟଣାର ତଦନ୍ତ କରାଇଛନ୍ତି। ତଦନ୍ତ ସମୟରେ ଡକାଯାଇଥିଲେ ମଧ ତାଙ୍କ ଅଭିଯୋଗକୁ ତଦନ୍ତ କମିଟି ଗୁରୁତ୍ୱ ଦେଇନଥିବା କହିଛନ୍ତି । ଏହାର ଠିକ ତଦନ୍ତ ହେଉନାହିଁ । ଠିକ ଭାବେ ତଦନ୍ତ ହେଉନଥିବା ସିଡିଏମଙ୍କୁ ସୀମାଞ୍ଚଳ କହିଥିଲେ। ଉକ୍ତ ଘଟଣାରେ ଫୋନ ନକରିବାକୁ ସିଡିଏମଓ କହିଥିବା ସୀମାଞ୍ଚଳ କହିଛନ୍ତି । ଏହି ତଦନ୍ତ ୧ ବର୍ଷ ପର୍ଯ୍ୟନ୍ତ ଚାଲି ପାରେ ଏହାର ସମୟ ସୀମା ନାହିଁ ବୋଲି ତଦନ୍ତ ପାଇଁ ଗଠିତ ଟିମରେ ଥିବା ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ କହିଥିବା ଜିଲାପାଳଙ୍କ ନିକଟରେ ସୀମାଞ୍ଚଳ କହିଛନ୍ତି। ମୃତ ଶିଶୁର ଓଜନରେ ତାଳମେଳ ରହୁ ନାହିଁ। ଡାକ୍ତର ମୃତ ଶିଶୁର ଓଜନ ୧ କିଲୋ ୯ଶହ ଗ୍ରାମ ବୋଲି କହିଥିଲେ । ତେବେ ପୁଣି ଓଜନ କରାଯିବା ବେଳେ ତାହା ୨ କିଲୋ ୫ଶହ ଗ୍ରାମ ଥିଲା । ଥାନାରେ ଅଭିଯୋଗ ପରେ ମଧ ମାମଲା ରୁଜୁହେଉ ନାହିଁ ବୋଲି ଜିଲାପାଳଙ୍କୁ ସିମାଞ୍ଚଳ ଜଣାଇଛନ୍ତି। ଏହି ଘଟଣାର ତଦନ୍ତ କାହିଁକି ହେଉନାହିଁ ବୋଲି ଜିଲାପାଳ ଏସପିଙ୍କୁ ପଚାରିଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସିମାଞ୍ଚଳ ଓ ତାଙ୍କ ପରିବାର ମଙ୍ଗଳବାର ଏହି ଘଟଣାରେ ପୁଣି ଏସପିଙ୍କୁ ଭେଟିବେ ବୋଲି କହିଛନ୍ତି। ଟାଲିଆମ୍ବା (ଖ) ଗାଁର ସସ୍ମିତା ସାହୁଙ୍କୁ ୨୭ ତାରିଖରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଅସ୍ତ୍ରୋପଚାର କକ୍ଷକୁ ନିଆଯାଇଥିଲା। ଡାକ୍ତର ବାହାରି ଗର୍ଭରେ ଶିଶୁପତ୍ର ମରି ପଡି ଯାଇଛି ବୋଲି କହିଥିଲେ । ମୃତ ଶିଶୁ ପୁତ୍ର ତାଙ୍କର ନୁହେଁ ବୋଲି ସୀମାଞ୍ଚଳ ସନ୍ଦେହ କରିଥିଲେ । ଏନେଇ ମୃତ ଶିଶୁ ପୁତ୍ରର ଡିଏନଏ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ ବୋଲି ନବରଙ୍ଗପୁର ଥାନାରେ ଓ ସିଡିଏମଓଙ୍କୁ ସିମାଞ୍ଚଳ ଲିଖିତ ଅଭିଯୋଗ କରିଥିଲେ।

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ତେନ୍ତୁଳିଖୁଣ୍ଟି,୧୬।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡାରେ ଏକ ବାଇକ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହେବାରୁ ବାଇକ ଆରୋହୀ ଭାଗିରଥି ମାଝିଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ଭାଗିରଥୀ ମାଝି ବାଇକରେ ଯାଉଥିବା ବେଳେ ଭାରାସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭାଗିରଥୀଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଭାଗିରଥିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଭାଗିରଥିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ବାଲମୁକୁନ୍ଦ କେନ୍ଦ୍ରରେ ପ୍ରାର୍ଥନା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୬।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ବାଲ୍‌ମୁକୁନ୍ଦ କେନ୍ଦ୍ରରେ କରୋନା ପୀଡିତଙ୍କ ଆରୋଗ୍ୟ କାମନା କରି ଏକ ପ୍ରାର୍ଥନା କାର୍ଯ୍ୟକ୍ରମ କରାଯାଇଛି। ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ସନ୍ଦେଶ ଅନୁସାରେ ବାଲମୁକୁନ୍ଦ କେନ୍ଦ୍ରର ପୁରୋଧା ହରେ ରାମ କୃଷ୍ଣ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପରିଛା ମଠର ଶ୍ରୀ ରସିକରାଜ ମହାପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କାର୍ଯ୍ୟକ୍ରମ କରାଯାଇଛି। ପ୍ରାର୍ଥନା ଦ୍ୱାରା ମନୋବଳ ଦୃଢ଼ ହେବ ବୋଲି କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ କହିଛନ୍ତି। ଏଥିସହ ଯୋଗ, ପ୍ରାଣାୟମ କରିବାକୁ ସଚେତନ କରାଯାଇଛି। ସଚେତନ ରହିବାକୁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଛି। ତୁଳସୀ ପତ୍ର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ତେଣୁ ଦୈନିକ ୭ଟି ତୁଳସୀ ପତ୍ର ଖାଇବାକୁ ପରାମର୍ଶ ଦିଆଯାଇଛି।

## ପ୍ରକଳ୍ପ ଥାଇ ଲୋକଙ୍କୁ ମିଳୁନି ପାନୀୟ ଜଳ

ଗୋଷାଣୀ/ପାରଳାଖେମୁଣ୍ଡି, ୧୬।୩ (ଡି.ଏନ୍.ଏ./ସ୍ୱ.ପ୍ର.)

**୧ କିମି ଦୂରରୁ ପାଣି ଆଣୁଛନ୍ତି ମହିଳା**

ପ୍ରକଳ୍ପ ଅଛି, କିନ୍ତୁ ନିମ୍ନମାନର କାମ ଯୋଗୁ ଲୋକଙ୍କୁ ମିଳୁନି ଶୁଦ୍ଧ ପାନୀୟ ଜଳ। ଫଳରେ ମହିଳାମାନେ ଖରାରେ ପ୍ରାୟ ୧କିମି ଦୂର ଯାଇ ପିଇବା ପାଣି ଆଣୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଗଜପତି ଜିଲା ଗୋଷାଣୀ ବ୍ଲକ ସଦର ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପ ରହିଛି। ଏଠାରୁ ଜଙ୍ଗଲପାଡୁ, ଉତ୍ତରସେଲିକୁ ପାଣି ଯୋଗାଣ ଲକ୍ଷ୍ୟ ରହିଥିଲା। ଏହି ପ୍ରକଳ୍ପର କାମ ନିମ୍ନମାନର ହୋଇଥିବାରୁ ଲୋକଙ୍କୁ ପାଣି ମିଳିପାରୁନି ବୋଲି ଗ୍ରାମାବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ କାମରେ ବ୍ୟବହାର କରାଯାଇଥିବା ପାଇପଗୁଡିକ ଅତି ନିମ୍ନମାନର। ଫଳରେ ଉକ୍ତ ପାଇପ ଫାଟି ରାସ୍ତାରେ ପାଣି ଭାସୁଛି। ଏହାକୁ ନେଇ ଅଭିଯୋଗ କରାଯାଉଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗ ମଧ ନିମ୍ନମାନର କାମ କରିଥିବା ନେଇ ଅଭିଯୋଗ ହୋଇଛି। ପାଣି ମୋଟର ଚଳାଇବା ମାତ୍ରେ ଫ୍ୟୁଜ ଉଡିଯାଉଛି ନଚେତ୍ ଟ୍ରାନ୍ସଫର୍ମର ପୋଡିଯାଉଛି ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଆସନ୍ତା ମାସ ମଧରେ ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।


ମହିଳାମାନେ ପାଣି ସଂଗ୍ରହ କରିବାକୁ ଅପେକ୍ଷା କରି ରହିଛନ୍ତି।